୪-୧୦ ଫେବୃଆରୀ ୨୦୨୪

ସକାଳ
THE SAKALA

# ସିନ୍ଦୁର




## ସହସ୍ରାବ୍ଦୀର ସ୍ୱର ଓଡ଼ିଆ



ଓଡ଼ିଆ ଭାଷାର ମୂଳ ଉତ୍ସକୁ ନେଇ ବିତର୍କ ଏବେ ମଧ୍ୟ ଅସମାଧିତ। ଏହାକୁ କେହି କେହି ଓଡ଼ିଆ ଭାଷା ମାଗଧୀ, ଅର୍ଦ୍ଧମାଗଧୀରୁ ସୃଷ୍ଟି ବୋଲି ଯୁକ୍ତି ବାଢ଼ି ଥାଆନ୍ତି। ଯଦିଓ ଏହାକୁ ଅସତ୍ୟ ବୋଲି କୁହାଯାଇ ପାରିବ ନାହିଁ, ତଥାପି ଏହା ସମ୍ପୂର୍ଣ୍ଣ ସତ୍ୟ ବୋଲି ମଧ୍ୟ କୁହାଯାଇ ପାରିବ ନାହିଁ। ଅର୍ଦ୍ଧମାଗଧୀ ଓଡ଼ିଆ ଭାଷାର ମାତାମହୀ ସତ୍ୟ, ମାତ୍ର ବାସ୍ତବରେ ଭାରତୀୟ ଆର୍ଯ୍ୟଭାଷା ବା ସଂସ୍କୃତ ହିଁ ଓଡ଼ିଆ ଭାଷାର ପ୍ରପିତାମହୀ ବା ମୂଳ ଉତ୍ସ ବୋଲି ବିବେଚନା କରାଯାଏ। ତିନିଟି ସ୍ତର ଦେଇ ଗତି କରିଥିବା ଭାରତୀୟ ଆର୍ଯ୍ୟଭାଷା ଖ୍ରୀଷ୍ଟପୂର୍ବ ୧୫୦୦ରୁ ଖ୍ରୀଷ୍ଟପୂର୍ବ ୫୦୦ (ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷା), ଖ୍ରୀଷ୍ଟପୂର୍ବ ୫୦୦ରୁ ଖ୍ରୀଷ୍ଟୀୟ ୧୦ମ ଶତାବ୍ଦୀ (ମଧ୍ୟ ଭାରତୀୟ ଆର୍ଯ୍ୟଭାଷା) ଓ ଖ୍ରୀଷ୍ଟୀୟ ୧୦ମ ଶତାବ୍ଦୀ ପରବର୍ତ୍ତୀ (ଆଧୁନିକ ଭାରତୀୟ ଆର୍ଯ୍ୟଭାଷା) ରେ ବିଭକ୍ତିକୃତ। ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷାର ପ୍ରଥମ ପର୍ଯ୍ୟାୟ ବୈଦିକ ସଂସ୍କୃତ ଓ ପରବର୍ତ୍ତୀ ପର୍ଯ୍ୟାୟକୁ ଲୌକିକ ସଂସ୍କୃତ ଭାବରେ ଗଣ୍ୟହୁଏ। ମଧ୍ୟ ଭାରତୀୟ ଭାଷା ବିଭିନ୍ନ ପର୍ଯ୍ୟାୟ ଅତିକ୍ରମ କରି ଖ୍ରୀଷ୍ଟୀୟ ୧୦ଶତାବ୍ଦୀରେ ପହଞ୍ଚିବା ବେଳକୁ ପ୍ରାକୃତ ଭାଷା ମହାରାଷ୍ଟ୍ରୀ, ଶୌରସେନୀ, ମାଗଧୀ, ପୈଶାଚୀ ଓ ଅର୍ଦ୍ଧମାଗଧୀ ଆଦି ୫ ଭାଗରେ ବିଭାଜିତ ହୋଇ ସାରିଥିଲା। ସମୟର ବାଲିଗରଡ଼ା ମାଗଧୀ ଭାଷାକୁ କ୍ରମ ମାର୍ଜିତ କରି ୫ ଅଞ୍ଚଳାନୁସାରେ ପୂର୍ବୀ, ପଶ୍ଚିମୀ, ଉତ୍ତରୀ, ଦକ୍ଷିଣୀ ଓ ମଧ୍ୟ ଭାଗରେ ବିଭାଜିତ କରିଥିଲା। ଏହାମଧ୍ୟରୁ ପୂର୍ବୀ ମାଗଧୀ ହିଁ ଥିଲା ଓଡ଼ିଆ ଭାଷାର ମାତାମହୀ। ପୂର୍ବୀ ମାଗଧୀ ମୁଖ୍ୟତଃ ଉତ୍ତରପୂର୍ବୀ ଓ ଦକ୍ଷିଣପୂର୍ବୀ ମାଗଧୀରେ ବିଭକ୍ତ ଏବଂ ବଙ୍ଗଳା ଓ ଅହମିଆ ଉତ୍ତରପୂର୍ବୀ ମାଗଧୀର ଅପଭ୍ରଂଶ ରୂପେ ପରିଚୟ ପାଇଛନ୍ତି। ଅନ୍ୟପକ୍ଷରେ ଓଡ଼ିଆ ଏକମାତ୍ର ଭାଷା ଭାବରେ ଦକ୍ଷିଣପୂର୍ବୀ ମାଗଧୀର ଅପଭ୍ରଂଶ ସ୍ୱରୂପ ବୋଲି ଭାଷାବିତ୍ମାନେ ମତବ୍ୟକ୍ତ କରିଥାଆନ୍ତି। ତେବେ ଓଡ଼ିଆ ଭାଷାରେ ଶୌରସେନୀ ଓ ଅର୍ଦ୍ଧମାଗଧୀ ପ୍ରାକୃତର ଲକ୍ଷଣ ଏହାକୁ ଅହମିଆ ଓ ବଙ୍ଗଳା ଭାଷାଠାରୁ ପୃଥକ୍ କରି ରଖିଛି। ଭରତଙ୍କ ନାଟ୍ୟ ଶାସ୍ତ୍ରରେ 'ଔଡ୍ରୀ ବିଭାଷା' ଉଲ୍ଲେଖ ଓଡ଼ିଆ ଭାଷାର ପ୍ରାଚୀନତାକୁ ବଳିଷ୍ଠ କରିଛି। ସମୟାନୁକ୍ରମେ ଖ୍ରୀଷ୍ଟୀୟ ସପ୍ତମ ଶତାବ୍ଦୀ ବେଳକୁ ଓଡ଼ିଆ ଭାଷା ଅନ୍ୟ ଭାଷାଠାରୁ ସ୍ୱତନ୍ତ୍ର ରୂପ ନେଇ ବିକାଶ ଲାଭ କରିଥିବା ଚୀନା ପରିବ୍ରାଜକ ହୁଏନ୍ସାଂଙ୍କ ପରିଭ୍ରମଣ ବୃତ୍ତାନ୍ତରେ ଉଲ୍ଲେଖ ରହିଛି। ଏହି ସମୃଦ୍ଧ, ଶାସ୍ତ୍ରୀୟ ଓଡ଼ିଆ ଭାଷାର ବିକାଶ ସହ ଏହାକୁ ବିଶ୍ୱବ୍ୟାପୀ କରିବା ପାଇଁ ସମ୍ପ୍ରତି ଆରମ୍ଭ ହୋଇଛି ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ। ଏହି ଅବସରରେ 'ସକାଳ' ବ୍ୟୁରୋର ସ୍ୱତନ୍ତ୍ର ଉପସ୍ଥାପନା -**ସହସ୍ରାବ୍ଦୀର ସ୍ୱର: ଓଡ଼ିଆ**

**ପ୍ରସ୍ତୁତି: 'ସକାଳ' ବ୍ୟୁରୋ**



# କେମିତି କଟିବ ସପ୍ତାହ



**ମେଷ**

ରବି,ସୋମବାରରେ କୌଣସି ସ୍ଥାନରୁ ଶୁଭ ଖବର ପାଇବେ। ମଙ୍ଗଳ, ବୁଧବାରରେ ଦାମ୍ପତ୍ୟ ଜୀବନରେ ଭିନ୍ନ ମୋଡ଼ ସୃଷ୍ଟି ହୋଇପାରେ । ବ୍ୟବସାୟିକ କାର୍ଯ୍ୟରେ ବିଦେଶ ଯାତ୍ରା କରିବେ। ଗୁରୁ,ଶୁକ୍ରବାରରେ ସରକାରୀ କାର୍ଯ୍ୟ ପୂର୍ଣ୍ଣ ହେବ। ଶନିବାରରେ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ସଫଳତା ପାଇବେ।



**ବୃଷ**

ରବି, ସୋମବାରରେ ନୂଆଲୋକଙ୍କ ସହ ସମ୍ପର୍କ ଯୋଡ଼ିହେବ। ମଙ୍ଗଳ, ବୁଧବାରରେ ବିବାଦୀୟ ପରିସ୍ଥିତିରୁ ଦୂରେଇ ରହିବାକୁ ଚେଷ୍ଟା କରନ୍ତୁ। ଗୁରୁ, ଶୁକ୍ରବାରରେ ଅସହାୟ ଲୋକଙ୍କୁ ସାହାଯ୍ୟ କରି ଆତ୍ମସନ୍ତୋଷ ପାଇବେ। ଶନିବାରରେ ସ୍ୱାସ୍ଥ୍ୟଜନିତ ସମସ୍ୟା ଉପୁଜିପାରେ ।



**ମିଥୁନ**

ରବି,ସୋମବାରରେ ନକାରାତ୍ମକ ଭାବନାରୁ ଦୂରେଇ ରୁହନ୍ତୁ। ଅକସ୍ମାତ୍ ଧନ ଆଗମନର ସମ୍ଭାବନା ରହିଛି। ମଙ୍ଗଳ,ବୁଧବାରରେ କଥା କହିବା ସମୟରେ ବାକ୍ୟ ଉପରେ ସଂଯମତା ରକ୍ଷା କରନ୍ତୁ। ଗୁରୁ,ଶୁକ୍ରବାରରେ କଠିନ ପରିଶ୍ରମର ଫଳ ପାଇବେ। ଶନିବାରରେ ସମସ୍ୟା ସମାଧାନର ରାସ୍ତା ପାଇବେ।



**କର୍କଟ**

ରବି,ସୋମବାରରେ ରାଜନୀତିରେ ନିଜର ପ୍ରଭାବ ବିସ୍ତାର କରିବେ। ମଙ୍ଗଳ, ବୁଧବାରରେ ଦୀର୍ଘଦିନ ଧରି ପଡ଼ିଥିବା କାର୍ଯ୍ୟ ପୂର୍ଣ୍ଣ ହେବ। ଗୁରୁ, ଶୁକ୍ରବାରରେ ଜୀବନସାଥୀଙ୍କ ସହ ଭୁଲ୍ ବୁଝାମଣା ସୃଷ୍ଟି ହୋଇପାରେ। ଶନିବାରରେ ସାଙ୍ଗସାଥୀଙ୍କ ସହାୟତାରେ ବ୍ୟବସାୟରେ ଉନ୍ନତି କରିବେ।



**ସିଂହ**

ରବି,ସୋମବାରରେ ପୈତୃକ ସମ୍ପତ୍ତିର ଅଧିକାରୀ ହେବେ। ବ୍ୟବସାୟ ପାଇଁ ନୂତନ ସୁଯୋଗ ପାଇବେ। ମଙ୍ଗଳ,ବୁଧବାରରେ ଆର୍ଥିକ ସ୍ଥିତି ମଜଭୁତ ହେବ। ଯାତାୟାତରେ ସାବଧାନ ରୁହନ୍ତୁ। ଗୁରୁ, ଶୁକ୍ରବାରରେ କର୍ମକ୍ଷେତ୍ରରେ ପୂର୍ବରୁ ପରିଶ୍ରମର ଫଳ ପାଇବେ। ଶନିବାରରେ ଜୀବନସାଥୀଙ୍କ ସହଯୋଗ ପାଇବେ।



**କନ୍ୟା**

ରବି,ସୋମବାରରେ ପରିବାର ସହଯୋଗ କ୍ରମେ ଆଗକୁ ଅଗ୍ରସର ହେବେ। ମଙ୍ଗଳ,ବୁଧବାରରେ ସମାଜରେ ସମ୍ମାନ ବଢ଼ିବ। ନିଜ ଲକ୍ଷ୍ୟ ପୂରଣ କରିବା ଦିଗରେ କାର୍ଯ୍ୟ କରିବେ। ଗୁରୁ,ଶୁକ୍ରବାରରେ କାର୍ଯ୍ୟକ୍ଷେତ୍ରରେ ବାଧା ଉପୁଜିପାରେ। ଶନିବାରରେ କ୍ୟାରିୟରରେ ନୂତନ ଦିଗନ୍ତ ସୃଷ୍ଟି ହେବ।



**ତୁଳା**

ରବି,ସୋମବାରରେ କୌଣସି କାର୍ଯ୍ୟ କରିବା ପୂର୍ବରୁ ସାବଧାନ ରୁହନ୍ତୁ। ମଙ୍ଗଳ,ବୁଧବାରରେ କ୍ୟାରିୟର ନେଇ କିଛି ସମସ୍ୟା ଦେଖାଦେଇପାରେ। ଗୁରୁ,ଶୁକ୍ରବାରରେ କର୍ମସ୍ଥଳୀରେ ଉଚ୍ଚ ଅଧିକାରୀଙ୍କ ସଂପୂର୍ଣ୍ଣ ସହଯୋଗ ପାଇବେ। ଶନିବାରରେ ଅଯଥା କାର୍ଯ୍ୟରେ ସମୟ ନଷ୍ଟ କରନ୍ତୁ ନାହିଁ।



**ବିଛା**

ରବି,ସୋମବାରରେ ଜୀବନରେ କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି। ମଙ୍ଗଳ, ବୁଧବାରରେ ବିଦେଶ ଯାତ୍ରା ଯୋଗ ରହିଛି। ଗୁରୁ,ଶୁକ୍ରବାରରେ ପରିବାର ସହ କୌଣସି ଧାର୍ମିକସ୍ଥଳୀ ଯାଇପାରନ୍ତି। ସନ୍ତାନମାନଙ୍କ ଉନ୍ନତି ଦେଖି ଆନନ୍ଦିତ ହେବେ। ଶନିବାରରେ ବିଭିନ୍ନ କ୍ଷେତ୍ରରୁ ଲାଭ ପାଇବେ।



**ଧନୁ**

ରବି,ସୋମବାରରେ ଗୁରୁଜନଙ୍କ ସ୍ୱାସ୍ଥ୍ୟ ପ୍ରତି ସମ୍ପୂର୍ଣ୍ଣ ଯତ୍ନବାନ ହେବାକୁ ପଡ଼ିବ। ମଙ୍ଗଳ,ବୁଧବାରରେ ବାକ୍ୟ ଉପରେ ସଂଯମତା ରକ୍ଷା କରନ୍ତୁ। ଗୁରୁ,ଶୁକ୍ରବାରରେ ଦୂରଯାତ୍ରାରୁ ଲାଭବାନ ହେବେ। ଶନିବାରରେ ପରିବାରରେ ଲାଗିରହିଥିବା ଭୁଲ ବୁଝାମଣାକୁ ଦୂର କରିବେ।



**ମକର**

ରବି,ସୋମବାରରେ କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାର ସମସ୍ୟା ଦେଖାଦେବ। ମଙ୍ଗଳ,ବୁଧବାରରେ ଶତ୍ରୁବୃଦ୍ଧି ହେବା ସହ କାର୍ଯ୍ୟହାନି ହୋଇପାରେ। ଗୁରୁ,ଶୁକ୍ରବାରରେ ମହିଳାମାନେ ଚଳଚଞ୍ଚଳ ରହିବେ। ବ୍ୟବସାୟିକ ପ୍ରସାର ହେବ। ଶନିବାରରେ ସମାଜରେ ପ୍ରତିଷ୍ଠା ବୃଦ୍ଧି, ସୁଖସନ୍ତୋଷ ପ୍ରାପ୍ତି ହେବ।



**କୁମ୍ଭ**

ରବି,ସୋମବାରରେ ସନ୍ତାନମାନଙ୍କ ଉନ୍ନତି ପାଇଁ ବିଭିନ୍ନ ପ୍ରକାର ପ୍ରଚେଷ୍ଟା ଜାରି ରଖିବେ। ମଙ୍ଗଳ,ବୁଧବାରରେ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ପୂରା ହୋଇପାରେ ଗୁର,ଶୁକ୍ରବାରରେ ବେରୋଜଗାରୀମାନଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିପାରେ। ଶନିବାରରେ ପାରିବାରିକ ନିବିଡ଼ତା ବୃଦ୍ଧି ପାଇବ।



**ମୀନ**

ରବି,ସୋମବାରରେ ପରିବାରରେ ଆନନ୍ଦଉଲ୍ଲାସ ଦେଖାଦେବ। ମଙ୍ଗଳ,ବୁଧବାରରେ ବିଭିନ୍ନ କ୍ଷେତ୍ରରୁ ସଫଳତା ପାଇବେ। ବ୍ୟବସାୟ ବିସ୍ତାର ପାଇଁ ନୂତନ ପଥ ଉନ୍ମୋଚନ ହେବ। ଗୁରୁ,ଶୁକ୍ରବାରରେ ସୁଖ ସନ୍ତୋଷର ଅଧିକାରୀ ହେବେ। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ଶନିବାରରେ ମହିଳାମାନେ ମନୋବଳ ଦୃଢ଼ କରି ଆଗକୁ ବଢ଼ିବେ।

ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ: ୯୦ - ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍ : feature@thesakala.com

# ଭାଷା, ସମାଜ ଓ ସଂସ୍କୃତି





ଡ. ଦେବୀପ୍ରସନ୍ନ ପଟ୍ଟନାୟକ



ଭାଷା ଓ ସଂସ୍କୃତି ଉଭୟର ପ୍ରକୃତି ଓ ପ୍ରୟୋଗ ବିଷୟରେ ପଣ୍ଡିତମାନେ ବହୁଦିନ ବିଚାର ମନ୍ଥନ କରୁଛନ୍ତି । କିନ୍ତୁ ଭାଷା କିମ୍ବା ସଂସ୍କୃତି କାହାରି ଏକ ସର୍ବମାନ୍ୟ ସଂଜ୍ଞା, ଏ ପର୍ଯ୍ୟନ୍ତ ସୁଦ୍ଧା ସ୍ଥିର ହୋଇପାରିନାହିଁ । ଭାଷା ଓ ସଂସ୍କୃତି ପରସ୍ପର ସହିତ ଘନିଷ୍ଠ ଭାବରେ ସମ୍ବନ୍ଧିତ । ଯଦି ବ୍ୟାପକ ଦୃଷ୍ଟିରୁ ପଶୁ ଜଗତଠାରୁ ମଣିଷ ସମାଜରେ ପାର୍ଥକ୍ୟ ଦେଖାଯାଉଥିବା ସାର୍ବଜନୀନ ବିଭବବିଶେଷକୁ ସଂସ୍କୃତି ରୂପେ ଗ୍ରହଣ କରାଯାଏ, ତେବେ ଭାଷା ବ୍ୟତୀତ ଏଇ ସଂସ୍କୃତିର କଳ୍ପନା କରିବା ଅସମ୍ଭବ । ପଶୁବ୍ୟବହାର ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି ଯେ, କୌଣସି ପଶୁକୁ ମାନବସୁଲଭ ଦକ୍ଷତାସ୍ତର ପର୍ଯ୍ୟନ୍ତ କେତେ କୌଶଳ ଶିଖାଇବା ହୁଏତ ସମ୍ଭବ । କିନ୍ତୁ ସେଇ ପଶୁ ତା'ର ପିଲାମାନଙ୍କୁ ଏଇ ଦକ୍ଷତା ଶିଖାଇ ପାରିବ ନାହିଁ । ପିଲାମାନେ ପୁଣି ମୂଳରୁ ଆରମ୍ଭ କରି ଏହି ସମସ୍ତ କୌଶଳ ଶିଖିବେ । ମଣିଷ ସମାଜରେ ଜ୍ଞାନ ଭଣ୍ଡାରର ଚାବି ପରମ୍ପରା କ୍ରମେ ଗୋଟିଏ ପିଢ଼ିରୁ ଅନ୍ୟ ପିଢ଼ିକୁ ଯେ ହସ୍ତାନ୍ତରିତ କରାଯାଇପାରୁଛି, ତାହା ଯେ କେବଳ ଭାଷା ଯୋଗୁଁ ସମ୍ଭବ ହୋଇଛି, ଏକଥା ଅସ୍ୱୀକାର କରାଯାଇପାରିବ ନାହିଁ ।

ଭାଷା ଓ ସଂସ୍କୃତି ଉଭୟ ବିଷୟରେ ଲୋକ ମନରେ ଅନେକ ଭୁଲ୍ ଧାରଣା ରହିଛି । ଅନେକଙ୍କର ଧାରଣା ଯେ ଯେଉଁ କଥିତ ଭାବ ବିନିମୟ ମାଧ୍ୟମର ଲିପି ନାହିଁ ତାହା ଭାଷା ନୁହେଁ, ବିଭାଷା ବା ଉପଭାଷା । ପୁଣି କେତେକଙ୍କ ଧାରଣା ଯେ, କଥିତ ଭାଷା ଓ ଲିଖିତ ଭାଷା ଦୁଇଟି ସ୍ୱତନ୍ତ୍ର ଭାଷା । ଅନ୍ୟ କେତେକ ଭାବନ୍ତି ଯେ, ଯଦି ଦୁଇଟି କଥିତ ଭାଷାଭାଷୀ ଲୋକେ ପରସ୍ପରକୁ ବୁଝନ୍ତି ତେବେ ସେ ଦୁଇଟି ଗୋଟିଏ ଭାଷାର ଉପଭାଷା; କିନ୍ତୁ ଯଦି ସେମାନେ ପରସ୍ପରକୁ ନ ବୁଝନ୍ତି ତେବେ ସେମାନେ ଦୁଇଟି ସ୍ୱତନ୍ତ୍ର ଭାଷା । ସଉରା ଭାଷା ବ୍ୟାକରଣ ଆଲୋଚନା କରିଥିବା ଜଣେ ପାଶ୍ଚାତ୍ୟ ପଣ୍ଡିତଙ୍କ ମତରେ, ସେହି ଭାଷାରେ ମାତ୍ର ୭୦୦ଟି ଶବ୍ଦ ଅଛି; ତେଣୁ ତାହା ସମ୍ପୂର୍ଣ୍ଣ ଭାଷା ପଦବାଚ୍ୟ ନୁହେଁ । ଭାଷା ବିଷୟରେ ଯେପରି ସଂସ୍କୃତି ବିଷୟରେ ମଧ୍ୟ ସେହିପରି ନାନା ଭ୍ରାନ୍ତ ଧାରଣା ଲୋକ ମନରେ ରହିଛି । ଅନେକଙ୍କର ଧାରଣା ଯେ ସଂସ୍କୃତି ହେଉଛି ଏକ ଦୁର୍ମୂଲ୍ୟ ଓ ଦୁଷ୍ପ୍ରାପ୍ୟ ବସ୍ତୁ । ଯେଉଁ ଭାଗ୍ୟବାନ ବ୍ୟକ୍ତି ଏହାର ଅଧିକାରୀ ହୁଅନ୍ତି, ସେମାନେ ସମାଜରେ ସମ୍ମାନ, ଅର୍ଥ ଓ ପ୍ରତିପତ୍ତି ଏସବୁର ଅଧିକାରୀ ହୁଅନ୍ତି । ଏହି ମତକୁ ଧରି ଆଉ ଟିକିଏ ଆଗେଇଲେ ଦେଖାଯିବ ଯେ ସଂସ୍କୃତି ସର୍ବସାଧାରଣ ଅଧିଗମ୍ୟ ନୁହେଁ । ଏହା ସମାଜରେ ପ୍ରତିପତ୍ତିଶାଳୀ ଏକ କ୍ଷୁଦ୍ର ପରିସରର ଏକଚାଟିଆ ସମ୍ପତ୍ତି । ତେଣୁ ସମାଜରେ ଅବହେଳିତ ବା ବର୍ଣ୍ଣାଶ୍ରମ ସମାଜ ବହିର୍ଭୁତ ଲୋକଙ୍କର ଯେ ସଂସ୍କୃତି ଅଛି, ଏକଥା ସ୍ୱୀକାର କରିବାକୁ ମଧ୍ୟ ଅନେକ କୁଣ୍ଠା ପ୍ରକାଶ କରନ୍ତି ।

ଭାଷା ଓ ସଂସ୍କୃତି ମଧ୍ୟରେ ଅନ୍ତରଙ୍ଗତାର ଏକ ମୂଳ କାରଣ ହେଉଛି ଅର୍ଥ ବିଷୟରେ ଉଭୟର ଆଗ୍ରହ । ଭାଷାର ଯେପରି ସଂସ୍କୃତିର ମଧ୍ୟ ସେପରି ବହିରଙ୍ଗ ରୂପ ଓ ଅନ୍ତର୍ନିହିତ ଅର୍ଥ, ଅର୍ଦ୍ଧ ନାରୀଶ୍ୱର ପରି ସମ୍ପର୍କବଦ୍ଧ । ତେବେ ସଂସ୍କୃତି ବିଚାରରେ ଭାଷାର ସ୍ୱତନ୍ତ୍ର ସ୍ଥାନ ବିଚାରି ଦେଖିବାର ଅଛି । ଭାଷା ସଂସ୍କୃତିର ଅଙ୍ଗ, ପୁଣି ସଂସ୍କୃତିର ବାହକ । ସଂସ୍କୃତିର ବିଭିନ୍ନ ବିଭବ ପରି ଭାଷା ମଧ୍ୟ ପରମ୍ପରାରେ ଗୋଟିଏ ପୁରୁଷରୁ ଅନ୍ୟ ପୁରୁଷକୁ ଆସେ । ପୁଣି ସଂସ୍କୃତିର ବିଭିନ୍ନ ବିଭାବ ଭାଷା ମାଧ୍ୟମରେ ହିଁ ଗୋଟିଏ ପୁରୁଷରୁ ଅନ୍ୟ ପୁରୁଷକୁ ଆସେ । ଏହି ଦୃଷ୍ଟିରୁ ବିଚାରିଲେ ଉଭୟ ନୃତତ୍ତ୍ୱ କିମ୍ବା ସମାଜତତ୍ତ୍ୱ ଓ ସଞ୍ଚାର ବିଜ୍ଞାନ ସହିତ ଭାଷାର ଏକକାଳୀନ ସମ୍ବନ୍ଧ । ଭାଷା ଓ ସଂସ୍କୃତିର ସମ୍ବନ୍ଧ ବିଚାରରେ ଅନ୍ୟ ଏକ ସମାନ୍ତରତା ଦ୍ରଷ୍ଟବ୍ୟ । ଯେପରି ମାନବ ସଂସ୍କୃତି, ବିଶ୍ୱ ସଂସ୍କୃତି, ଭାରତୀୟ ସଂସ୍କୃତି, ଓଡ଼ିଆ ସଂସ୍କୃତି ଓ ଆଦିବାସୀ ସଂସ୍କୃତି ପ୍ରସଙ୍ଗରେ 'ସଂସ୍କୃତି' ଶବ୍ଦର ପ୍ରୟୋଗ ସମ୍ଭବ, ସେହିପରି ପୃଥିବୀର ଭାଷା, ଭାରତୀୟ ଭାଷା, ଓଡ଼ିଆ ଭାଷା, ଦେଶିଆ ବା ସମ୍ବଲପୁରୀ ଭାଷା ପୁଣି ଆଦିବାସୀ ଭାଷା ପ୍ରସଙ୍ଗରେ 'ଭାଷା' ଶବ୍ଦର ମଧ୍ୟ ପ୍ରୟୋଗ ସମ୍ଭବ । ତେଣୁ ସଂସ୍କୃତି ଓ ଭାଷା କିମ୍ବା ସଂସ୍କୃତିରେ ଭାଷା ଯେ କୌଣସି ବିଚାର ପ୍ରସଙ୍ଗରେ ଉଭୟର ଅନ୍ତରଙ୍ଗ ସମ୍ବନ୍ଧକୁ ସବୁବେଳେ ଆଖି ଆଗରେ ରଖିବା ପ୍ରୟୋଜନ ।

# ଓଡ଼ିଆ ଭାଷାର ପ୍ରାଚୀନତା

**ମାନବ ସଭ୍ୟତାର କ୍ରମବିକାଶ ମୂଳରେ ଭାଷା, ଧର୍ମ, ଆଞ୍ଚଳିକ ପରିବେଶ ସହ ରାଜନୈତିକ ଅବସ୍ଥା ବିଦ୍ୟମାନ । ରାଷ୍ଟ୍ରର ନିୟନ୍ତ୍ରଣ ପାଇଁ ଶାସନ ଓ ଶାସିତ ଗୋଷ୍ଠୀ ମଧ୍ୟରେ ପ୍ରଚଳିତ ଭାଷା ହିଁ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ତେଣୁ ରାଷ୍ଟ୍ର ଓ ଜାତିର ନାମାନୁସାରେ ଭାଷାର ନାମକରଣ କରାଯାଏ । ଏ ଦୃଷ୍ଟିରୁ ବିଚାର କଲେ, ଉଡ୍ରଦେଶ ବା ଉଡ୍ରଜାତିର ଭାଷା 'ଓଡ଼ିଆ' ନାମ ଗ୍ରହଣ କରିଅଛି । ତେବେ ଏହି ଭାଷା ପ୍ରାଚୀନ ଯୁଗରେ ପରିଚିତ ଥିବା କଳିଙ୍ଗ, ତୋଷଳୀ, ମହାକୋଶଳ, କୋଙ୍ଗଦ ପ୍ରଭୃତି ଅଞ୍ଚଳରେ କଥିତ ହେଉଥିଲା । ବର୍ତ୍ତମାନର ଓଡ଼ିଶା ଅତୀତରେ ଉଡ୍ର, କଳିଙ୍ଗ, ତୋଷଳ,ଉତ୍କଳ, କୋଶଳ, କଙ୍ଗୋଦ, ମଣ୍ଡଳ ଇତ୍ୟାଦି ନାମରେ ପରିଚିତ ଥିଲା । କୌଣସି ଭାଷାର ପ୍ରାଚୀନତା ଅଧ୍ୟୟନ କରିବାକୁ ହେଲେ ପ୍ରଥମତଃ କଥିତ ଅଞ୍ଚଳର ଅବସ୍ଥିତି, ବସବାସ କରୁଥିବା ଜାତି ଏବଂ କଥିତ ହେଉଥିବା ଭାଷାର ଇତିହାସକୁ ଜାଣିବାକୁ ପଡ଼ିବ ।**



ପ୍ରଫେସର ଉଦୟ ନାଥ ସାହୁ

ଭୌଗୋଳିକ ଅବସ୍ଥିତି, ଜାତି, ଭାଷାର ଗଠନ ଅନୁସାରେ ଏବଂ ଭାଷାର ଉତ୍ପତ୍ତି ଦୃଷ୍ଟିରୁ ଭାଷାମାନଙ୍କୁ ଶ୍ରେଣୀବଦ୍ଧ କରାଯାଇଥାଏ। ଭାଷାମାନଙ୍କର ଉତ୍ପତ୍ତି ବିଷୟରେ ଅନୁସନ୍ଧାନ କରି ଗୋଟିଏ ମୂଳ ପ୍ରାଚୀନ ଭାଷାରୁ ଉତ୍ପନ୍ନ ଭାଷାମାନଙ୍କୁ ଏକ ପରିବାରଭୁକ୍ତ କରାଯାଏ। ଖ୍ରୀଷ୍ଟପୂର୍ବ ପ୍ରାୟ ୩୦୦୦ ବର୍ଷ ପୂର୍ବେ ଭାରତର ପଶ୍ଚିମୋତ୍ତର ଅଞ୍ଚଳରେ ଦ୍ରାବିଡ଼ୀୟ ଜାତି ରହିଥିଲେ। ସେହି ଦ୍ରାବିଡ଼ମାନଙ୍କ ଭାଷାରୁ କାଳକ୍ରମେ ତାମିଲ୍, ମାଲାୟାଲମ୍, କନ୍ନଡ଼ ଓ ତେଲୁଗୁ ଭାଷା ସୃଷ୍ଟି। ଏହି ଦ୍ରାବିଡ଼ ସଭ୍ୟତା ପରେ ଖ୍ରୀ:ପୂ: ୧୫୦୦ ବେଳକୁ ଆର୍ଯ୍ୟମାନେ ଦଳଦଳ ହୋଇ ଭାରତରେ ପଦାର୍ପଣ କରିଥିଲେ। ନବାଗତ ଆର୍ଯ୍ୟ ସମ୍ପ୍ରଦାୟଙ୍କ ଦ୍ୱାରା ବିତାଡ଼ିତ ହୋଇ ଦ୍ରାବିଡ଼ ଗୋଷ୍ଠୀ ଦକ୍ଷିଣ ଭାରତରେ ଅର୍ଥାତ୍ ବିନ୍ଧ୍ୟ ପର୍ବତମାଳାରେ ଆଶ୍ରୟ ନେଲେ। ପୂର୍ବଘାଟ ପର୍ବତମାଳାର ଅଧିକାଂଶ ଅଞ୍ଚଳରେ ଅତି ପ୍ରାଚୀନ କାଳରୁ ଆରମ୍ଭ କରି ଉଡ୍ରଜାତି ବାସ କରୁଥିଲେ। ପ୍ରଥମତଃ ଆର୍ଯ୍ୟ, ଦ୍ୱିତୀୟତଃ ଆଦିମ ଅଧିବାସୀ ଏବଂ ତୃତୀୟତଃ ଦ୍ରାବିଡ଼ ଜାତିର ଭାଷା ପ୍ରଭାବ ଏହି ଉଡ୍ରମାନଙ୍କ ଉପରେ ପଡ଼ିଥିଲା।

ଏହି ଭାଷାର ମୂଳ ଉତ୍ସ ହେଉଛି ଭାରତୀୟ ଆର୍ଯ୍ୟ ଭାଷା ବା ସଂସ୍କୃତ । ଭାରତୀୟ ଆର୍ଯ୍ୟଭାଷା ତିନିଗୋଟି ସ୍ତର ଦେଇ ଗତି କରିଛି । ଯଥା- ପ୍ରାଚୀନ ବା ପୁରାତନ (ଖ୍ରୀ:ପୂ: ୨୦୦୦ ପୂର୍ବରୁ ଖ୍ରୀ:ପୂ: ୫୦୦) ମଧ୍ୟଯୁଗୀୟ (ଖ୍ରୀ:ପୂ: ୫୦୦ ପୂର୍ବରୁ ଖ୍ରୀଷ୍ଟୀୟ ୧୦୦୦), ଆଧୁନିକ (ଖ୍ରୀ.୧୦୦୦ ପରବର୍ତ୍ତୀ)। ପ୍ରାଚୀନ ଭାରତୀୟ ଆର୍ଯ୍ୟ ଭାଷାର କାଳରେ ବେଦ, ସଂହିତା, ବ୍ରାହ୍ମଣ, ଆରଣ୍ୟକ, ଉପନିଷଦ ପ୍ରଭୃତି ରଚିତ ହେଲା। ବୈଦିକ ସାହିତ୍ୟର ଭାଷାରେ ବିଭିନ୍ନ ଉପଭାଷା ଦେଖିବାକୁ ମିଳେ। ଭାଷାତାତ୍ତ୍ୱିକ ଦୃଷ୍ଟିକୋଣରୁ ବୈଦିକଭାଷା ପୃଥିବୀର ପ୍ରଧାନତମ ଭାଷା। ଏହି ବୈଦିକ ସଂସ୍କୃତର ପରବର୍ତ୍ତୀ ପର୍ଯ୍ୟାୟକୁ ଲୌକିକ ସଂସ୍କୃତ କୁହାଯାଏ। ରାମାୟଣ-ମହାଭାରତ ଯୁଗରୁ ହିଁ ଏହି ଲୌକିକ ସଂସ୍କୃତର କାଳ ଆରମ୍ଭ। ଜନସାଧାରଣଙ୍କ ଦ୍ୱାରା କଥିତ ସଂସ୍କୃତରୁ ସୃଷ୍ଟି ଲାଭ କରିଥିଲା ମଧ୍ୟଭାରତୀୟ ଆର୍ଯ୍ୟ ଭାଷା। ଏହାକୁ ତିନୋଟି ସ୍ତରରେ ଧ୍ୱନି ପରିବର୍ତ୍ତନ ଆଦି ଦୃଷ୍ଟିରୁ ବିଭକ୍ତି କରାଯାଇପାରେ। ସେଗୁଡ଼ିକ ହେଲା ଯଥା- ପାଲିଭାଷା ( ଖ୍ରୀ:ପୂ: ୫୦୦ ରୁ ଖ୍ରୀ:ପୂ: ୨୦୦ ), ପ୍ରାକୃତ ଭାଷା (ଖ୍ରୀ:ପୂ: ୨୦୦ ର ଖ୍ରୀ: ୫୦୦ ), ଅପଭ୍ରଂଶ ଭାଷା (ଖ୍ରୀ:ପୂ: ୫୦୦ ରୁ ଖ୍ରୀ:ପୂ: ୧୦୦), ପ୍ରଥମ ସ୍ତର ଅର୍ଥାତ୍ ପାଲିଭାଷା ଅଶୋକଙ୍କ ଅନୁଶାସନମାନଙ୍କରେ ଉପଲବ୍ଧ । ଏହାର ମଧ୍ୟ ବିଭିନ୍ନ ଉପଭାଷା ଥିଲା । ପଦାନ୍ତସ୍ଥିତ ବ୍ୟଞ୍ଜନବର୍ଣ୍ଣ ଓ ବିସର୍ଗ ଏହି ସମୟ ବେଳକୁ ଲୁପ୍ତ ହୋଇସାରିଥିଲା । କେବଳ ଏକମାତ୍ର ଅନୁସ୍ୱାର ହିଁ ଅବଶିଷ୍ଟ ରହିଥିଲା । 'ଶ, ଷ, ସ' କେବଳ 'ସ' ରେ ପରିଣତ ହୋଇଥିଲା।

ବିକାଶ ଭେଦରେ ପାଲି- ପ୍ରାକୃତ ଭାଷାକୁ ମୁଖ୍ୟତଃ ୫ ଭାଗରେ ବିଭକ୍ତ କରାଯାଇପାରେ, ଯଥା-ମାଗଧୀ, ସୌରସେନୀ, ପୈଶାଚୀ, ମହାରାଷ୍ଟ୍ର ଓ ଅର୍ଦ୍ଧମାଗଧୀ । ପ୍ରତ୍ୟେକ ପ୍ରାକୃତ ଶାଖାରୁ ଅପଭ୍ରଂଶ ଭାଷା ସୃଷ୍ଟି ଲାଭ କରିଛି। ପୂର୍ବ ମାଗଧୀ ଅପଭ୍ରଂଶ ମାଗଧୀ ପ୍ରାକୃତର ଅନ୍ୟତମ ଶାଖା ଯେଉଁଥିରୁ ଓଡ଼ିଆ ଉପଭାଷା ବା ଉଡ୍ର ବିଭାଷା ସୃଷ୍ଟି ହୋଇଅଛି। 'ଉଡ୍ର-ପ୍ରାକୃତ' ଭାଷାରେ ପ୍ରଚଳିତ ସଂଖ୍ୟାବାଚକ ଶବ୍ଦରୁ ଅଧିକାଂଶ ଅଦ୍ୟାବଧି ଓଡ଼ିଆରେ ବ୍ୟବହୃତ ହେଉଅଛି। କେତେକ ଶବ୍ଦ କାଳକ୍ରମେ 'ଅପଭ୍ରଂଶ' ହୋଇ 'ବିଭାଷା' ସୃଷ୍ଟି କଲା । ତେଣୁ ମୋଟାମୋଟି ଭାବରେ ଜଣାଯାଏ ଯେ ପ୍ରାଚୀନ ଓଡ଼ିଆ ଭାଷା ଭାରତୀୟ ଆର୍ଯ୍ୟ, ଦ୍ରାବିଡ଼, ଅଷ୍ଟ୍ରିକ୍ ଗୋଷ୍ଠୀ ଭାଷାର ତ୍ରିବେଣୀ ସଙ୍ଗମ।

ମହାଭାରତ ଗ୍ରନ୍ଥ ଅନୁସାରେ ସମଗ୍ର ପୂର୍ବ ଭାରତ ଅଞ୍ଚଳକୁ ଦୀର୍ଘତମା ଋଷି ଓ ରାଣୀ ସୁଦେଷ୍ଣାଙ୍କ ଗର୍ଭରୁ ଜାତ ତିନିପୁତ୍ର ଯଥା- ଅଙ୍ଗ, ବଙ୍ଗ ଓ କଳିଙ୍ଗ ମଧ୍ୟରେ ବାଣ୍ଟି ଦିଆଯାଇଥିଲା । ପ୍ରାଚୀନ ଅଙ୍ଗ, ବଙ୍ଗ, କଳିଙ୍ଗ ବର୍ତ୍ତମାନ ସମୟର ଆସାମ, ବଙ୍ଗଳା ଓ ଓଡ଼ିଶା । ଏହି ତିନିଗୋଟି ରାଜ୍ୟକୁ ରାଢ଼, ଗୌଡ଼ ଓ ଓଡ୍ର ଜନଗୋଷ୍ଠୀ ଗଠନ କରିଥିଲେ ।

ସୋମବଂଶୀ ରାଜାମାନଙ୍କର ଶିଳାଲେଖ ଏବଂ ତାମ୍ରଶାସନମାନଙ୍କରୁ ଜଣାଯାଏ, ଯେ ଅତୀତରେ ପୂର୍ବଭାରତରେ ଭାଷା, ଲିପି, ଏବଂ ସାଂସ୍କୃତିକ ଐକ୍ୟ ଯୋଗୁଁ କଳିଙ୍ଗ, କୋଶଳ, ଓଡ୍ର, ଉତ୍କଳ, ରାଢ଼, କାମରୂପ, ଗୌଡ଼, ବଙ୍ଗ ପ୍ରଭୃତି ରାଜ୍ୟଗୁଡ଼ିକ ଗୋଟିଏ ଭୂଖଣ୍ଡ ଥିଲା । ଏପରିକି 'ମହାଭାରତ' ଲେଖା ହେଲାବେଳକୁ ଉଡ୍ରମାନେ ପୁଣ୍ଡ୍ର, ଉତ୍କଳ, ମେଖଳ, କଳିଙ୍ଗ ଓ ଆନ୍ଧ୍ରମାନଙ୍କ ସମାନ ସ୍ତରରେ ଥିବାର ଜଣାଯାଏ । (ସଂସ୍କୃତ ମହାଭାରତ-ଭୀଷ୍ମପର୍ବ (୯.୩୬୫), ଦ୍ରୋଣପର୍ବ (୪.୧୨୨) ଏହି ଉଡ୍ରମାନେ ପ୍ରାଚୀନ ଆର୍ଯ୍ୟ ସଂପ୍ରଦାୟ ଅନ୍ତର୍ଗତ ହୋଇଥିଲେ ହେଁ ଦକ୍ଷିଣ ଭାରତରେ ଉପନିବେଶ ସ୍ଥାପନ କରିବା ଫଳରେ ତାଙ୍କ ଭାଷାରେ ଅଷ୍ଟ୍ରିକ୍ ଭାଷା ସଙ୍ଗେ ଦ୍ରାବିଡ଼ୀୟ ଭାଷାର ପ୍ରଭାବ ପଡ଼ିଥିଲା।

ଡକ୍ଟର ସୁନୀତି କୁମାର ଚାଟାର୍ଜୀ ମତ ପ୍ରକାଶ କରନ୍ତି ଯେ, ଖାରବେଳଙ୍କ ସମୟରେ (ଖ୍ରୀ:ପୂ: ପ୍ରଥମ ଶତାବ୍ଦୀରେ ) ଓଡ଼ିଶାରେ ଦ୍ରାବିଡ଼ ଏବଂ ଆଦିବାସୀ ଶ୍ରେଣୀୟ 'ଅଷ୍ଟ୍ରୋ-ଏସିଆଟିକ୍' ଜାତୀୟ ଲୋକେ ବାସ କରୁଥିଲେ। ଖାରବେଳଙ୍କ ହାତୀଗୁମ୍ଫା ଅଭିଲେଖଟି ଯେଉଁ ପ୍ରାକୃତ ଭାଷାରେ ଲେଖା ହୋଇଛି, ତାହା ହିଁ ଯେ କଳିଙ୍ଗରେ ପ୍ରଚଳିତ ସର୍ବସାଧାରଣ ଲୋକଭାଷା ଥିଲା, ଏହା ନିଃସନ୍ଦେହରେ କୁହାଯାଇପାରେ।

ଜୈନଧର୍ମର ପ୍ରଚାର ପୂର୍ବରୁ ଉତ୍କଳରେ ଆର୍ଯ୍ୟ ସଂସ୍କୃତ ଭାଷା ଓ ଦ୍ରାବିଡ଼ ଭାଷାର ସମ୍ମିଶ୍ରଣରେ ଉତ୍ପନ୍ନ ଏକ ଭାଷା ପ୍ରଚଳିତ ଥିବାର ଦେଖାଯାଏ । ଶ୍ରୀ ଖାରବେଳଙ୍କର ଲେଖା ଗୁଡ଼ିକରେ ବାଟ, ଦଣ୍ଡ (ସେନା), କୋଠା (ପକ୍କା ବା ପଥର ଘର ) ଘର, ଦହ (ଜଳପୂର୍ଣ୍ଣ ପୁଷ୍କରିଣୀ ) ପ୍ରଭୃତି ବହୁତ ଖାଣ୍ଟି ଓଡ଼ିଆ ଶବ୍ଦ ଦେଖାଯାଏ । ତେଣୁ ମନେହୁଏ, ଖ୍ରୀ:ପୂ: ୨ ୟ

ଶତାବ୍ଦୀ ବେଳକୁ ଓଡ୍ର ବିଭାଷାର ସୃଷ୍ଟି ହୋଇଥିଲା । କିନ୍ତୁ ବହୁକାଳ ପର୍ଯ୍ୟନ୍ତ ଜୈନଧର୍ମର ପ୍ରଚାର ଫଳରେ ଉତ୍କଳୀୟ ଭାଷାରେ ପାଲିଭାଷାର ପ୍ରଭାବ କ୍ରମଶଃ ବୃଦ୍ଧିଲାଭ କରିଥିଲା । ଅତୀତ କାଳରେ ଉତ୍କଳୀୟମାନଙ୍କୁ ଜୈନ, ଯତି, ଶ୍ରମଣ ଏବଂ ପ୍ରଚାରକମାନେ ପାଲିଭାଷାରେ ଧର୍ମଶିକ୍ଷା ଦେଉଥିଲେ। ତେଣୁ ପାଲିଭାଷାର ବହୁଳ ବ୍ୟବହାର ଫଳରେ ସେ ଯୁଗର ଉତ୍କଳୀୟ ଭାଷାରେ ଅସଂଖ୍ୟ ପାଲି ଶବ୍ଦ ପ୍ରବେଶ କରିଥିଲା । ତେଣୁ ଏହି ଓଡ଼ିଆ ଭାଷାର ଜନନୀ ଓଡ୍ର ପ୍ରାକୃତରୁ ସୃଷ୍ଟି ହୋଇଥିଲା। ଜୈନଧର୍ମର ଭାଷା ହିଁ ପାଲିଭାଷା। ଏହା କାଳକ୍ରମେ ନାନା ବିବର୍ତ୍ତନ, ପରିବର୍ତ୍ତନ ଓ ପରିବର୍ଦ୍ଧନ ହୋଇ ଓଡ଼ିଆ ଭାଷାରେ ପରିଣତ ହୋଇଛି। ଓଡ୍ର-ପ୍ରାକୃତ ସଙ୍ଗେ ପାଲିଭାଷାର ସାମଞ୍ଜସ୍ୟ କେତେକ ପରିମାଣରେ ପରିଦୃଷ୍ଟ ହୁଏ।

ଓଡ଼ିଆ ଭାଷାର ପ୍ରାଚୀନତା ଆଲୋଚନା କରି ଭାଷାତତ୍ତ୍ୱବିଦ୍‌ମାନେ ମତ ପ୍ରକାଶ କରିଛନ୍ତି ଯେ, ଆସାମୀ, ବଙ୍ଗଳା ଓ ଓଡ଼ିଆ ଗୋଟିଏ ପରିବାରର ତିନି ଭଉଣୀ ମଧ୍ୟରେ ଓଡ଼ିଆ ହେଉଛି ବଡ଼ଭଉଣୀ । ଖ୍ରୀ.୭ମ/୮ମ ଶତାବ୍ଦୀରେ ଓଡ଼ିଆ ଭାଷାରେ ମାଗଧୀ ଅପ୍ରଭଂଶରୁ ଉତ୍ପତ୍ତି ଲାଭ କରିଥିବା ଅନେକ ଅନୁମାନ କରନ୍ତି ।

ଦ୍ୱିତୀୟ /୧ମ ଶତକରେ ଲିଖିତ ଭରତଙ୍କ 'ନାଟ୍ୟଶାସ୍ତ୍ର'ରେ 'ଓଡ୍ର' ବିଭାଷାକୁ ଶବର, ଆଭୀର, ଚାଣ୍ଡଳ, ବନଚର, ଦ୍ରାବିଡ଼ ପ୍ରକୃତିଙ୍କର ଭାଷା ସହିତ ସମ୍ବନ୍ଧାନ୍ୱିତ କରାଯାଉଛି ।

ଶାକରାଭୀର-ଚଣ୍ଡାଳ-ଶବର-ଦ୍ରାବିଡ୍ରୋଡ୍ରଜାଃ
ହୀନେ ବନେ ଚରାଣାଂ ଚ ବିଭାଷା ନାଟକେ ସ୍ମୃତା ।

( ନାଟ୍ୟଶାସ୍ତ୍ର-୩୬ ଶ୍ଳୋକ)

ତତ୍କାଳୀନ ଓଡ୍ର ବିଭାଷା ଯେ ଦ୍ରାବିଡ଼ ଓ ଆଦିବାସୀ ଭାଷା ଦ୍ୱାରା ପ୍ରଭାବିତ ହୋଇଥିଲା, କହିଲେ ଭୁଲ ହେବନାହିଁ।

ଦ୍ୱାଦଶ ଶତାବ୍ଦୀ ବେଳକୁ ଓଡ଼ିଶାରେ ଯେଉଁ ଅପଭ୍ରଂଶ ଭାଷା ପ୍ରଚଳିତ ଥିଲା, ତାକୁ ସେ କାଳର ବୈୟା କରଣିକମାନେ ଔଡ୍ରୀ ଅପଭ୍ରଂଶ ଆଖ୍ୟା ଦେଇଥିଲେ । ହେମଚନ୍ଦ୍ର, ମାର୍କଣ୍ଡେୟଙ୍କ ପରି ବ୍ୟାକରଣକାରମାନେ 'ପ୍ରାକୃତ' ହି 'ଅପଭ୍ରଂଶ' ଭାଷା ବୋଲି ଘୋଷଣା କରିଛନ୍ତି ।

କଳିଙ୍ଗରେ ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ ପ୍ରଚଳିତ ଭାଷାର ସ୍ୱରୂପ ମହାରାଜା ଖାରବେଳଙ୍କ ଉଦୟଗିରି ଶିଳାଲିପିରୁ ପ୍ରଚଳିତ ହୋଇଅଛି। ସେଥିରେ ଯେଉଁ ପ୍ରାକୃତ ଭାଷା (ଉଡ୍ର-ପ୍ରାକୃତ) ବ୍ୟବହୃତ ହୋଇଅଛି, ସେଥିରେ କେତେକ ଶବ୍ଦ ଯଥା- କଂସ, ସୁଭ, ସରୀର, ପୁତ, କୋଠ, ହାଥୀ, ପବତ, ଅଗ, ଘର, ପଛିମ,ପନ୍ଦର, ଅଠମ, ଛ, ଚକ, ବାର(୧୨), ଦସ ପ୍ରଭୃତିରୁ ଓଡ଼ିଆ ଶବ୍ଦର ପରିଚୟ ମିଳେ।

ଖାରବେଳଙ୍କ ସମୟର ଭାଷା ହେଉଛି ପାଲିଭାଷା। ଏହି 'ପାଲି' 'ପଲ୍ଲବ' ନାମରୁ ଆସିଥିବା ସମ୍ଭବ ।

ସମ୍ଭବତଃ ଖାରବେଳଙ୍କ ବଂଶ ସଙ୍ଗେ କାଞ୍ଚିର ପଲ୍ଲବ ବଂଶୀ ରାଜାମାନଙ୍କ ସହିତ ସମ୍ବନ୍ଧ ଥିଲା ।

**ଉପରୋକ୍ତ ଆଲୋଚନାରୁ ଏହି ସିଦ୍ଧାନ୍ତରେ ଉପନୀତ ହେଉ ଯେ-**

୧. ତେବେ ଅଶୋକଙ୍କ ପୂର୍ବରୁ ଓଡ଼ିଶାର ଇତିହାସ କ'ଣ ଥିଲା, ଜଣାଯାଏ ନାହିଁ । ଯାହା ଜଣାଯାଇଛି, ତାହା ପୌରାଣିକ ବର୍ଣ୍ଣନା ମାତ୍ର ।
୨. ଦୁଇଟି ଶିଳାଲେଖ, ଯଥା- ଅଶୋକଙ୍କର ଧଉଳି ଓ ଜଉଗଡ଼, ଖାରବେଳଙ୍କର ଖଣ୍ଡଗିରିର ହାତୀଗୁମ୍ଫା ଅଭିଲେଖ କଳିଙ୍ଗ ସଂପର୍କରେ ଅନେକ ସୂଚନା ଦିଏ ।
୩. ଖ୍ରୀ:ପୂ: ତୃତୀୟ ଶତକରୁ କ୍ରମାନ୍ୱୟରେ ଓଡ଼ିଆ ଭାଷାର ବିକାଶର ଭିତ୍ତି ସ୍ଥାପନ ହୋଇଅଛି । ଏଠାରେ ସୂଚାଇ ଦିଆଯାଇପାରେ ଯେ, ଭାରତର ପୂର୍ବାଞ୍ଚଳ ଅର୍ଥାତ୍ ବଙ୍ଗ, ଆସାମରେ ଏ ପ୍ରକାର ପ୍ରାଚୀନ ଐତିହାସିକ ଅଭିଲେଖ ନାହିଁ ।
୪. ଓଡ଼ିଶାରେ ଧର୍ମର ଇତିହାସରେ ଅଶୋକ ଏବଂ ଖାରବେଳଙ୍କର ରାଜତ୍ୱ ମଧ୍ୟ ଯଥାକ୍ରମେ ବୌଦ୍ଧ ଓ ଜୈନଧର୍ମର ଯଥାର୍ଥ ଇତିହାସରୁ ଆରମ୍ଭ ହୁଏ।
୫. ଅଶୋକ ଓ ଖାରବେଳଙ୍କ ଅଭିଲେଖ ଦୁଇଟି ଓଡ଼ିଶାରେ ପାଲିଭାଷାର ସର୍ବପ୍ରାଚୀନ ଅଭିଲେଖ।
୬. ଅଶୋକଙ୍କର ଦୁଇଟିଯାକ ଶିଳାଲେଖ ଶୁଦ୍ଧ ପାଲିଭାଷା ଓ ବ୍ରାହ୍ମୀଲିପିରେ ଉତ୍କୀର୍ଣ୍ଣ ହୋଇଅଛି। ଖାରବେଳଙ୍କର ହାତୀଗୁମ୍ଫା ଶିଳାଲେଖ ବ୍ରାହ୍ମୀଲିପିରେ ଖୋଦିତ । କିନ୍ତୁ ଏହାର ଭାଷାରେ କ୍ୱଚିତ ପାଲି, କ୍ୱଚିତ ଅର୍ଦ୍ଧମାଗଧୀ ଭାଷାର ଲକ୍ଷଣ ମିଳିଥାଏ ।
୭. ପାଲି ଭାଷାର ଜନ୍ମସ୍ଥାନ କଳିଙ୍ଗ । ଜର୍ମାନ ପଣ୍ଡିତ ହରମ୍ୟାନ୍ ଓଲେଟେନବର୍ଗ ତାଙ୍କର 'ବିନୟ ପୀଟକ' ମୁଖବନ୍ଧରେ ଏହା ସୂଚନା ଦେଇଛନ୍ତି । ତାଙ୍କ ମତରେ ସିଂହଳରେ ପାଲି ଭାଷା ମାଧ୍ୟମରେ ଧର୍ମ ପ୍ରଚାରିତ ହେବା ମୂଳରେ ରହିଛି କଳିଙ୍ଗ ଦେଶର ପାଲିଭାଷାର ପ୍ରଭାବ।
୮. ପାଲି ଭାଷା ସହିତ ଅର୍ଦ୍ଧ ମାଗଧୀର ଏବଂ ଅର୍ଦ୍ଧ ମାଗଧୀ ସହିତ ପୂର୍ବୀ ମାଗଧୀ ଅପଭ୍ରଂଶର ଘନିଷ୍ଠ ସଂପର୍କ ରହିଛି। ପୂର୍ବ ମାଗଧୀ ଅପ୍ରଭଂଶରୁ ଓଡ଼ିଆ ଭାଷାର ସୃଷ୍ଟି । ତେଣୁ ଅର୍ଦ୍ଧ ମାଗଧୀ ସହିତ ଓଡ଼ିଆ ଭାଷାର ସାଦୃଶ୍ୟ ରହିବା ସ୍ୱାଭାବିକ।
୯. ଅଶୋକ ଓ ଖାରବେଳଙ୍କ ଅଭିଲେଖ ଓଡ଼ିଶାର ପ୍ରଥମ ଲିଖିତ ଭାଷା ଓ ସାହିତ୍ୟର ଉନ୍ମେଷ । ଖ୍ରୀ:ପୂ: ୧ମ ଶତାବ୍ଦୀରେ ଖୋଦିତ ହାତୀଗୁମ୍ଫା ଶିଳାଲେଖରେ ଯେଉଁ ଭାଷା ବ୍ୟବହୃତ, ତାହା ହିଁ ଓଡ଼ିଶାରେ ଦୁଇହଜାର ବର୍ଷ ପୂର୍ବର ଲୋକ ପ୍ରଚଳିତ ଭାଷା । ଏଥିରୁ ଓଡ଼ିଆ ଭାଷାର ପ୍ରାଚୀନତା ଲକ୍ଷ୍ୟ କରାଯାଏ ।



# ଓଡ଼ିଆ ଭାଷାର ବିବର୍ତ୍ତନରେ ସାରଳା ଦାସ ଓ ଜଗନ୍ନାଥ ଦାସ

ଓଡ଼ିଆ ସାହିତ୍ୟ ଚାରିଗୋଟି ସ୍ତମ୍ଭ ଉପରେ ଗଢ଼ି ଉଠିଛି। ସେଗୁଡ଼ିକ ହେଲା ପଞ୍ଚଦଶ ଶତାବ୍ଦୀରେ ରଚିତ ସାରଳା ଦାସଙ୍କ ମହାଭାରତ, ଷୋଡ଼ଶ ଶତାବ୍ଦୀରେ ରଚିତ ବଳରାମ ଦାସଙ୍କ 'ଜଗମୋହନ ରାମାୟଣ', ଜଗନ୍ନାଥ ଦାସଙ୍କ 'ଭାଗବତ' ଏବଂ ଅଚ୍ୟୁତାନନ୍ଦଙ୍କ 'ହରିବଂଶ'। ଏ ଗ୍ରନ୍ଥଗୁଡ଼ିକ ସମସାମୟିକ ଜନଜୀବନର ଚିତ୍ର ବହନ କରିଥାଏ। ଭାଷା ମଧ୍ୟ ସ୍ୱତନ୍ତ୍ର, ମୌଳିକ ରଚନାର ଭାଷା। ସାରଳା ଦାସ ଆଦି କବି ରୂପେ ସମ୍ମାନିତ ଏବଂ ଓଡ଼ିଆ ଭାଷାର ପ୍ରଧାନ ପରିପୋଷକ। ସାରଳା ମହାଭାରତର ଭାଷା ଅତି ସରଳ ଓ ପ୍ରାଞ୍ଜଳ। ସରଳ ତରଳ ଭାଷାର ଏହି ପ୍ରବାହ ପ୍ରବାହିତ ହୋଇଛି ସାରଳା ମହାଭାରତରେ। ମହାଭାରତ ବ୍ୟତୀତ ସେ ବିଲଙ୍କା ରାମାୟଣ, ଚଣ୍ଡୀ ପୁରାଣ, ବିଚିତ୍ର ରାମାୟଣ, ଲକ୍ଷ୍ମୀ ନାରାୟଣ ବଚନିକା ପ୍ରଭୃତି ବହୁ ଗ୍ରନ୍ଥ ରଚନା କରିଥିଲେ। ଭାଷା ପ୍ରୟୋଗ ଦୃଷ୍ଟିରୁ ସାରଳା ଦାସ ଆଦି ଯୁଗର ପ୍ରତିନିଧି ଅଟନ୍ତି। ସେ ଓଡ଼ିଶା ଭାଷାକୁ ନିଜ ପୁରାଣ ମାଧ୍ୟମ ରୂପେ ଗ୍ରହଣ କଲାବେଳକୁ ଓଡ଼ିଆ ଭାଷା ସମୃଦ୍ଧ ହୋଇ ସାରିଥିବାରୁ ସେ ସଂସ୍କୃତ ପରିହାର କରି ଓଡ଼ିଆ ଭାଷା ବ୍ୟବହାର କଲେ। ଫଳରେ ତାଙ୍କ ଗ୍ରନ୍ଥରେ ସୌଷ୍ଠବ ଓ ସୁନ୍ଦରତା ଏହି ଭାଷାର ସମୃଦ୍ଧି ଉପରେ ହିଁ ନିର୍ଭର କରେ। ଏହା ଯେପରି ସୁବୋଧ, ସେହିପରି ସର୍ବଜନ ଆଦୃତ।





ଚର୍ଯ୍ୟାଗୀତିକା ପରେ, ସାରଳା ଦାସଙ୍କ ମହାଭାରତ, ବିଲଙ୍କା ରାମାୟଣ ଓ ଚଣ୍ଡୀପୁରାଣର ଭାଷା ହିଁ ଯଥାର୍ଥ ଓ ସାର୍ଥକ ଓଡ଼ିଆ ଭାଷା। ତାଙ୍କ ଶବ୍ଦ ସମ୍ଭାରରୁ ଓଡ଼ିଆ ଭାଷାର ବ୍ୟାପକତା ଓ ବିଶାଳତା ଉପଲବ୍ଧ ହୋଇଥାଏ। ସେତେବେଳକୁ ଓଡ଼ିଆ ଭାଷା ପୂର୍ଣ୍ଣ ବିକଶିତ ଅବସ୍ଥା ପ୍ରାପ୍ତ ହୋଇସାରିଲାଣି ଓ ସାରଳା ସାହିତ୍ୟ ସେ ଭାଷାର ପରିପୁଷ୍ଟି ସାଧନ କରିଅଛନ୍ତି। ସାରଳା ଦାସ ଶ୍ରୀକୃଷ୍ଣ ସାନ୍ଦୀପନି। ଋଷିଙ୍କ ନିକଟରେ ବିଦ୍ୟାଶିକ୍ଷା ପ୍ରସଙ୍ଗରେ ତତ୍‌କାଳୀନ ପ୍ରଚଳିତ ଅନ୍ୟାନ୍ୟ ଭାରତୀୟ ଭାଷା ଓ ଲିପି ସମୂହର ଉଲ୍ଲେଖ ସହ ଓଡ଼ିଆ ଭାଷା ଓ ଲିପିର ନାମୋଲ୍ଲେଖ କରିଅଛନ୍ତି-

ଓଡ଼ିଆ ତେଲଙ୍ଗୀ ଯେ ନାଗେରା ଦଖିଣୀ
କନାଉଜ ଆହରଣ ଗଉଡ଼ୀ ଆଟକ୍ରାୟଣୀ।
ବିରଞ୍ଚି ରାମହାଟୀ ମହାଭାଖା
ଡାହାଳ ବେଲାଳ-ଆଦି ଯେତେ ପଞ୍ଚମରେଖା
ଦକ୍ଷିଣ ମନ୍ଦିର କାମେରି ଭାରଥି
ଭାଷା ଉଦେଶ ଯେ କଲେକ ଶ୍ରୀପତି।
ଯେକାଦଶ ଅକ୍ଷର ଭାଖା ଚଉଷଠି
ନବଦିବସ ଲେଖନ ବିଦ୍ୟାପତ୍ର ପଟୀ।
ପଣକିଆ ସୋଧି ଓଡ଼ାଙ୍କ ହରଗୁଣ
ଫେଡ଼ାମିଶା ଅଙ୍କନଳ କୋଟୀ ବିକ୍ରୀ ପୁଣ।

(ମଧ୍ୟପର୍ବ)

ଭାଷାତାତ୍ତ୍ୱିକ ଦୃଷ୍ଟିରୁ ବିଚାର କଲେ ଜଣାଯାଏ ଯେ, ସାରଳା ମହାଭାରତରେ ପ୍ରାଚୀନ ଓଡ଼ିଆ ଭାଷାର ବିଶାଳ ଶବ୍ଦ ରହିଛି। ଏହାର ପ୍ରାକୃତ ଓ ଅପଭ୍ରଂଶ ଭାଷା ସହିତ ସମ୍ପର୍କିତ। ଓଡ଼ିଆ ଭାଷାର ପ୍ରାଚୀନତା ପ୍ରମାଣ କରିବା ସଙ୍ଗେ ସଙ୍ଗେ ପ୍ରାକୃତ ଓ ଅପଭ୍ରଂଶ ଭାଷା ସହିତ ଓଡ଼ିଆ ଭାଷାର ସମ୍ପର୍କ ସୂଚାଇଥାଏ।

ସାଧାରଣ ଗ୍ରାମୀଣ ଜନତାଙ୍କୁ ହିଁ ସେ ତାଙ୍କର ପାଠକ ଭାବରେ ଆଖି ଆଗରେ ରଖିଥିଲେ। ସୁତରାଂ ଗ୍ରାମୀଣ ପ୍ରାକୃତ ଓ ଅପଭ୍ରଂଶ ମୁଖୀ ଭାଷାରେ ନିଜ କାବ୍ୟକୃତିକୁ ଲେଖିଯିବା ତାଙ୍କ ପକ୍ଷରେ ସହଜ ଥିଲା କେବଳ ନୁହେଁ- କର୍ତ୍ତବ୍ୟ ମଧ୍ୟ ଥିଲା। ସେ ସାହିତ୍ୟର ଗ୍ରାହଣ ଯେଣୁ ସମଗ୍ର ଜନତା, ଯେଉଁମାନେ ସାଧାରଣ







ଏବଂ ସାମୂହିକ ଭାବରେ ମୁଖ୍ୟ ଏବଂ ନିରକ୍ଷର, ତେଣୁ ସେ ସାହିତ୍ୟର ଭାଷା ସରଳ, ତରଳ, ସୁବୋଧ ହେବା ହିଁ ଅତି ସ୍ୱାଭାବିକ ଓ ଅତି ପ୍ରାକୃତିକ। ତେଣୁ ସାରଳା ଦାସଙ୍କ ମହାଭାରତର ଭାଷା ତଥା ସାହିତ୍ୟ, ଭାବର ପରିବେଷଣରେ ଯୁଗଯୁଗ ପାଇଁ ଏକ ସ୍ଥାୟୀ ମୂଲ୍ୟ ରହିଛି। ଯାହା କୌଣସି ସୁଦୃଢ଼ ଭିତ୍ତି ଉପରେ ପ୍ରତିଷ୍ଠିତ ନୁହେଁ- ତାହା ଏକ ସ୍ୱାବଲମ୍ବନଶୀଳ ଅନୁଷ୍ଠାନ ମାତ୍ର।

ସାରଳା ଦାସଙ୍କ ପ୍ରଚଳିତ ଓଡ଼ିଆ ପ୍ରୟୋଗ ପ୍ରଣାଳୀର ବିଶେଷତ୍ୱ ଶ୍ରୀମଦ୍ ଭାଗବତ ରଚୟିତା ଶ୍ରୀ ଜଗନ୍ନାଥଙ୍କ ସମୟ ପର୍ଯ୍ୟନ୍ତ ଅକ୍ଷୁର୍ଣ୍ଣ ଥିଲା। ବଳରାମ ଦାସ ପ୍ରଭୃତି କବିମାନେ ସେହି ଭାଷା ପ୍ରୟୋଗ ପ୍ରଣାଳୀର ପନ୍ଥାନୁସରଣ କରିଛନ୍ତି। କିନ୍ତୁ ଜଗନ୍ନାଥ ଦାସଙ୍କ ଭାଗବତ ଏକ ଅନୁବାଦ ଗ୍ରନ୍ଥ। ସଂସ୍କୃତ ଶ୍ରୀମଦ୍ ଭାଗବତର ତାହା ଅନୁବାଦ। ସଂସ୍କୃତ ଶବ୍ଦାବଳୀର ଅର୍ଥବୋଧ ଓ ଗାମ୍ଭୀର୍ଯ୍ୟକୁ ଅତୁଟ ରଖି ଓଡ଼ିଆ ପ୍ରଚଳିତ ଭାଷାରୁ ଶବ୍ଦ ଖୋଜି ପାଇବା ସହଜ ନୁହେଁ। ପୁଣି ଜଗନ୍ନାଥ ଦାସ ନିଜର ଶ୍ରୋତା ଭାବରେ ଗ୍ରାମୀଣ ଜନତା ସହିତ ସଂସ୍କୃତବାଦୀ ଓ ସଂସ୍କୃତିଶୀଳ ବୁଦ୍ଧିଜୀବୀମାନଙ୍କୁ ମଧ୍ୟ ଗ୍ରହଣ କରିଥିଲେ। ତେଣୁ ଦୁଇ ଶ୍ରୋତା ଗୋଷ୍ଠୀକୁ ଏକସ୍ଥଳକୁ ଆଣିବାକୁ ଜଗନ୍ନାଥ ଦାସ ଉଦ୍ୟମୀ ହୋଇପଡ଼ିଛନ୍ତି। ଫଳରେ ଏକ ମନୋଜ୍ଞ ସମନ୍ୱୟ ଉପରେ ତାଙ୍କର ଭାଷା ଗଢ଼ିଉଠିଛି। ତେଣୁ ତାଙ୍କର ଭାଷା ସ୍ୱତନ୍ତ୍ର ଥିଲା।

ସାରଳା ମହାଭାରତର ଭାଷା କେଉଁ ପରିମାଣରେ ପ୍ରାକୃତିକ ଓ ଖାଣ୍ଟି ଓଡ଼ିଆ ଥିଲା, ତାହା ସହଜରେ ଅନୁମେୟ। ବ୍ୟବହୃତ ଶବ୍ଦଗୁଡ଼ିକର ବିବର୍ତ୍ତନ ମଧ୍ୟ ଏହିଠାରୁ ଆରମ୍ଭ ହୋଇଛି ବୋଲି ଧରିନେବାକୁ ପଡ଼ିବ।

ସାରଳା ମହାଭାରତର ରଚନା ସମୟରେ ଜନସାଧାରଣଙ୍କ ଭିତରେ ସଂସ୍କୃତ ଭାଷା ଅପେକ୍ଷା ପ୍ରାକୃତ ଭାଷାର ପ୍ରଚଳନ ହିଁ ବେଶି ଥିଲା। ଭାଷାର କ୍ରମବର୍ଦ୍ଧିତ ରୂପଟି ହେଉଛି ପ୍ରାକୃତ ସାହିତ୍ୟର ଅପଭ୍ରଂଶର ସର୍ବଶ୍ରେଷ୍ଠ ଅମୃତମୟ ଫଳ। ବହୁ ଆଲୋଚକ ସାରଳା ସାହିତ୍ୟ ଭାଷା ଆଲୋଚନା ପ୍ରସଙ୍ଗରୁ ପ୍ରମାଣ କରିଛନ୍ତି ଯେ – ଓଡ଼ିଆ ଭାଷାର ମୂଳ ଉତ୍ସ ସଂସ୍କୃତ ନୁହେଁ- ପ୍ରାକୃତ। କାରଣ, ଓଡ଼ିଆରେ ଅନେକ ଶବ୍ଦ ପାଲିପ୍ରାକୃତର ଅବିକଳ ରୂପରେ ବ୍ୟବହୃତ। ସେ ପ୍ରକାର ଅନେକ ଶବ୍ଦ ସାରଳା ମହାଭାରତରେ ପରିଦୃଷ୍ଟ ହୁଏ। ତେଣୁ ଭାଷାର କ୍ରମ ବିବର୍ତ୍ତନ ରୂପ ଦେଖିଲେ ସାରଳା ମହାଭାରତ ତଥା ସାରଳା ସାହିତ୍ୟ ହେଉଛି ପ୍ରଥମ ପୂର୍ଣ୍ଣାଙ୍ଗ ଓଡ଼ିଆ ସାହିତ୍ୟକ ଭାଷା।

ସାରଳା ଦାସଙ୍କ ମହାଭାରତ ଓଡ଼ିଆ ଭାଷା ଓ ସାହିତ୍ୟର କୋଣାର୍କ ମନ୍ଦିର ବୋଲି ଗ୍ରହଣ କରାଯାଇପାରେ। ସାରଳା ଦାସଙ୍କ ପୂର୍ବରୁ ଓଡ଼ିଆ ସାହିତ୍ୟ ଅବଶ୍ୟ ସୃଷ୍ଟି ହୋଇଥିଲେ ହେଁ, ଗୁଣାତ୍ମକ ଦୃଷ୍ଟିରୁ ତାହା ବିଶେଷ ଉଲ୍ଲେଖଯୋଗ୍ୟ ନୁହେଁ। ସାରଳା ଦାସଙ୍କ ଭାଷା ତତ୍‌କାଳୀନ କଥିତ ଓଡ଼ିଆ ଭାଷା, ଯାହା ଗାଉଁଲି ଭାଷା ଓ ସାହିତ୍ୟ ଗାଉଁଲି ସାହିତ୍ୟ ଅଟେ। ଏ ସମ୍ପର୍କରେ ଡ.ବଂଶୀଧର ମହାନ୍ତି ଲେଖିଛନ୍ତି – 'ସାରଳାଙ୍କ ଭାଷାରେ କେତେକ ଶବ୍ଦ ପୁରୁଣା ଓ ଅଚଳନ୍ତି ହୋଇଗଲାଣି, ତଥାପି ମୋଟ ଉପରେ ଏ ଭାଷା ଓଡ଼ିଆ ଗାଁ- ଗଣ୍ଡାର ଲୋକମାନେ ପଢ଼ିବାକୁ ଆଗ୍ରହୀ ଓ ତାହା ଘରେ ଘରେ ଉତ୍‌କୃଷ୍ଟ ଭାଷା ଓ ସାହିତ୍ୟ ଭାବରେ ପୂଜା ପାଉଛି।' କାରଣ ସାରଳା ଦାସଙ୍କ ଭାଷା ଶୈଳୀର ଚମତ୍‌କାରିତା ତାଙ୍କର ବିରାଟ କାବ୍ୟଗ୍ରନ୍ଥକୁ ଗତିଶୀଳ କରିପାରିଛି, ଯାହା ଅଗଣିତ ଶ୍ରୋତା ଓ ପାଠକଙ୍କୁ ସେହି ମହାନ୍-ସାରସ୍ୱତ ସ୍ରୋତରେ ହଜାଇଦିଏ।

ପଞ୍ଚସଖା ଯୁଗର ଜଗନ୍ନାଥ ଦାସ ଯେ ଜଣେ ପ୍ରତିଭାଶାଳୀ କବି, ଏଥିରେ ସନ୍ଦେହ ନାହିଁ। ପ୍ରଥମତଃ ଭାଗବତର ଭାଷା ସମ୍ପର୍କରେ ଆଲୋଚନା କରାଯାଉ। ବିଶେଷତଃ ଏହି ଭାଷା-ପ୍ରୟୋଗ ଦୃଷ୍ଟିକୋଣରୁ ବିଚାର କଲେ ଯେ ପୃଥିବୀର ଯେକୌଣସି କବିଙ୍କ ସହିତ ଜଗନ୍ନାଥ ଦାସ ତୁଳନୀୟ, ଏହା ଆମକୁ ସ୍ୱୀକାର କରିବାକୁ ହେବ। ଭାଗବତର ଭାଷା ସମ୍ପର୍କରେ ଆଲୋଚକମାନେ ସାଧାରଣତଃ ତା'ର ସାରଲ୍ୟ ଓ ସର୍ବଜନବୋଧତାକୁ ନିର୍ଦ୍ଦେଶ କରିଥାନ୍ତି। 'ତାଙ୍କର ଭାଷା ଆଡ଼ମ୍ବର ଶୂନ୍ୟ, ଅଳଙ୍କାରର ଝଙ୍କାର ନାହିଁ। ....ସର୍ବଜନବୋଧ ଭାଷାରେ ଭାଗବତର ଅବତାରଣା ବାସ୍ତବିକ ଭାଗବତକୁ ଜନପ୍ରିୟ କରିଛି।' ଭାଗବତ ଭଳି ଏକ ବିରାଟ ମହାନ୍ ଏବଂ ଦାର୍ଶନିକ ତତ୍ତ୍ୱସମ୍ବଳିତ ଗ୍ରନ୍ଥକୁ ଅତି ସରସ, ସୁନ୍ଦର ଓ ସରଳ ଭାଷାରେ ଅନୁବାଦ କରି ସାରା ଜାତିକୁ ଭଗବତାମୃତ ପାନ କରିବା ପାଇଁ ସେ ଯେଉଁ ସୁଯୋଗ ଦେଇଗଲେ, ଜାତିର ଇତିହାସରେ ତାହାର ଚିରସ୍ୱାକ୍ଷର ରହିବ। ପଞ୍ଚସଖା କାବ୍ୟ .... ପରିଲକ୍ଷିତ ହୁଏ ନାହିଁ। ପୁଣି ଜଗନ୍ନାଥ ଦାସଙ୍କ ଭାଗବତର ଭାଷା ବଳରାମ ଦାସଙ୍କ ଭାଷାଠାରୁ ଯଥେଷ୍ଟ ଭିନ୍ନ। ଜଗନ୍ନାଥ ଦାସ, ସାରଳା ଦାସଙ୍କ ପରମ୍ପରାର ସାହିତ୍ୟ ସାଧକ, ଜଗନ୍ନାଥ ଦାସ କିନ୍ତୁ ଏକ ଭିନ୍ନ ପରମ୍ପରାର ସ୍ରଷ୍ଟା। ଭାଷା ପ୍ରୟୋଗ ଦୃଷ୍ଟିକୋଣରୁ ସାରଳା ଦାସ ଓ ବଳରାମ ଦାସ ଓଡ଼ିଆ ସାହିତ୍ୟର ଆଦିଯୁଗର ପ୍ରତିନିଧି ଭାବରେ ଗୃହୀତ ହେଲେ, ଜଗନ୍ନାଥ ଦାସ ମଧ୍ୟଯୁଗର ପ୍ରବର୍ତ୍ତକ ଭାବରେ ଗୃହୀତ ହେବେ। ଅଥଚ ତାଙ୍କ ଭାଷା ମଧ୍ୟଯୁଗର ମୁଖ୍ୟକବି ଉପେନ୍ଦ୍ର ଭଞ୍ଜଙ୍କ ଭାଷାଠାରୁ ଯଥେଷ୍ଟ ଭିନ୍ନ। ଜଗନ୍ନାଥ ଦାସଙ୍କ ଭାଷାରେ ସାରଳା, ବଳରାମଙ୍କ ପ୍ରାକୃତ ପ୍ରବଣ ଦାଣ୍ଡଧୂଳି ଭାଷାର ନିରହଂକାର ସଞ୍ଚାର ନାହିଁ କିମ୍ବା ତାଙ୍କ ଭାଷା ଉପେନ୍ଦ୍ରଭଞ୍ଜଙ୍କ ଭଳି ସଂସ୍କୃତ ପ୍ରଚଣ୍ଡ ଅଳଙ୍କୃତ କିମ୍ବା ଅହଙ୍କାରୀ ଗାମ୍ଭୀର୍ଯ୍ୟର ପରିଦୃଷ୍ଟ ନୁହେଁ। ବସ୍ତୁତଃ ଏକ ଦୁଇ ଦିଗନ୍ତର ଏକ ମଧ୍ୟବର୍ତ୍ତୀ ସ୍ଥାନରେ ଜଗନ୍ନାଥ ଦାସଙ୍କ ଭାଷାରେ ଓଡ଼ିଆ ଭାଷାର ପରିନିଷ୍ଠ ରୂପ (Standard Language) ନିର୍ମାଣ କରିଛି। ଡଃ ମାୟାଧର ମାନସିଂହଙ୍କ ଭାଷାରେ ଏହା 'କୋମଳ, ଅନୁପ୍ରାସିକ, ମଧୁସ୍ରାବୀ ଓ ମଧୁନାଦୀ।' ସାରଳା ଦାସ ଓ ବଳରାମ ଦାସଙ୍କ ଭାଷା ସରଳ। ଜଗନ୍ନାଥ ଦାସଙ୍କ ଭାଷା ମଧ୍ୟ ସରଳ; ମାତ୍ର ଜଗନ୍ନାଥ ଦାସ ସେ ଭାଷାକୁ ଆହୁରି ସରଳ, କୋମଳ ଓ ମାର୍ଜିତ କରି ଉପଯୁକ୍ତ ଭାବରେ ଉପଯୁକ୍ତ ବାହକ ରୂପେ ତାକୁ ଠିଆ କରାଇଲେ। ଏ ଭାଷା ହେଲା ଗଣଭାଷା।

ଜଗନ୍ନାଥ ଦାସଙ୍କ ଭାଷା ଏପରି ହେବାର କାରଣ କ'ଣ ଥିଲା? ପ୍ରଥମତଃ ସାରଳା ଦାସ ବା ବଳରାମ ଦାସଙ୍କ ପରି ଜଗନ୍ନାଥ ଦାସ ସ୍ୱାଧୀନ ନ ଥିଲେ। ସେମାନେ ଯେଉଁ ମହାଭାରତ ଓ ରାମାୟଣ ଲେଖି ଯାଇଅଛନ୍ତି, ତାହା କୌଣସି ମୂଳଗ୍ରନ୍ଥକୁ ଆଖି ଆଗରେ ରଖି ଲେଖି ନାହାନ୍ତି। ଅର୍ଥାତ୍ ଅନୁବାଦ ସେମାନଙ୍କର ଲକ୍ଷ୍ୟ ନ ଥିଲା। ପୁଣି ସାଧାରଣ ଗ୍ରାମୀଣ ଜନତାକୁ ହିଁ ସେମାନେ ତାଙ୍କର ପାଠକ ଭାବରେ ଆଖି ଆଗରେ ରଖିଥିଲେ। ସୁତରାଂ ଗ୍ରାମୀଣ ପ୍ରାକୃତ ଓ ଅପଭ୍ରଂଶମୁଖୀ ଭାଷାରେ ନିଜନିଜ କାବ୍ୟକୃତିକୁ ଲେଖିଯିବା ତାଙ୍କର ପକ୍ଷରେ ସହଜଥିଲା କେବଳ ନୁହେଁ, କର୍ତ୍ତବ୍ୟ ମଧ୍ୟ ଥିଲା। ଅନ୍ୟପକ୍ଷରେ ଜଗନ୍ନାଥ ଦାସଙ୍କ ଭାଗବତ ମୂଳତଃ ଏକ ଅନୁବାଦ ଗ୍ରନ୍ଥ। ସଂସ୍କୃତ ଶ୍ରୀମଦ୍ ଭାଗବତର ତାହା ଅନୁବାଦ। ସଂସ୍କୃତ ଶବ୍ଦାବଳୀର ଅର୍ଥବୋଧ ଓ ଗାମ୍ଭୀର୍ଯ୍ୟକୁ ଅତୁଟ ରଖି ଓଡ଼ିଆ ପ୍ରଚଳିତ ଭାଷାରୁ ଶବ୍ଦ ଖୋଜିଖୋଜି ପାଇବା ସହଜ ନୁହେଁ। ପୁଣି ଜଗନ୍ନାଥ ଦାସ ନିଜର ଶ୍ରୋତା ଭାବରେ ଗ୍ରାମୀଣ ଜନତା ସହିତ ସଂସ୍କୃତବାଦୀ ଓ ସଂସ୍କୃତିଶୀଳ ବୁଦ୍ଧିଜୀବୀମାନଙ୍କୁ ମଧ୍ୟ ଗ୍ରହଣ କରିଥିଲେ। ସାରଳା ବଳରାମଙ୍କ ପରମ୍ପରାରେ ଲେଖିଲେ, ତାହା ଦ୍ୱିତୀୟୋକ୍ତ ସେହି ବୁଦ୍ଧିଜୀବୀ ଗୋଷ୍ଠୀର ଗ୍ରହଣୀୟ ହୁଅନ୍ତା ନାହିଁ। ତେଣୁ ଦୁଇ ଶ୍ରୋତାଗୋଷ୍ଠୀଙ୍କୁ ଏକସ୍ଥଳକୁ ଆଣିବାକୁ ଜଗନ୍ନାଥ ଦାସ ଉଦ୍ୟମୀ ହୋଇଛନ୍ତି। ଫଳତଃ ଦେଶୀୟ ଶବ୍ଦାବଳୀ ସହିତ ସରଳ ତତ୍‌ସମ ଶବ୍ଦାବଳୀର ଏକ ମନୋଜ୍ଞ ସମନ୍ୱୟ ଉପରେ ତାଙ୍କର ଭାଷା ଗଢ଼ିଉଠିଛି। ତେଣୁ ପ୍ରକୃତ ଅର୍ଥରେ ଏହା ହୋଇ ଉଠିଛି 'ସାର୍ବଜନୀନ ଭାଷା'। ଜଗନ୍ନାଥ ଦାସଙ୍କ ପରେ ଆଜି ପର୍ଯ୍ୟନ୍ତ ବିଭିନ୍ନ ଲେଖକଙ୍କ ଭାଷାରେ ତାଙ୍କ ଭାଷାର ପ୍ରଭାବ-ପ୍ରେରଣା କାର୍ଯ୍ୟ କରିଆସିଛି। ପଦ୍ୟସ୍ତରରେ ସେ ଯାହା କରିଥିଲେ, ଗଦ୍ୟ ସ୍ତରରେ ପଣ୍ଡିତ ଗୋପବନ୍ଧୁ ତାହା ପ୍ରତିଷ୍ଠା କରି ଓଡ଼ିଆ ଭାଷାର ଆଦର୍ଶ ସ୍ଥିର କରିଛନ୍ତି। କହିବା ବାହୁଲ୍ୟ ଯେ, ଜଗନ୍ନାଥ ଦାସ ଥିଲେ ପଣ୍ଡିତ ଗୋପବନ୍ଧୁଙ୍କ ଧର୍ମ, ନୀତି ଓ ଜୀବନ ଦର୍ଶନ ତଥା ଭାଷାର ପ୍ରକୃତ ଆଦର୍ଶ। ତେବେ ଭାଗବତର ଭାଷା ମାର୍ଜିତ ଓ ଏହା ହିଁ ଓଡ଼ିଶାର ପ୍ରାମାଣିକ ଓଡ଼ିଆ ଭାଷା। ■



ଭାରତୀୟ ଭାଷା କେନ୍ଦ୍ର
**ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ**
**ନୂଆଦିଲ୍ଲୀ- ୧୧୦୦୬୭**

# ଆମ ଭାଷାର ଭବିଷ୍ୟତ



ପ୍ରଫୁଲ୍ଲ କୁମାର ତ୍ରିପାଠୀ

**ଭାଷାର ଭବିଷ୍ୟତ ସହିତ ଜ୍ୟୋତିଷିକ ଗଣନା ବା ଜୈବିକ ପ୍ରକ୍ରିୟାର କୌଣସି ସଂପର୍କ ନାହିଁ। କୌଣସି ଭାଷାର ଅତୀତକୁ ଅନୁଶୀଳନ କରି, ତାହାର ଭବିଷ୍ୟତ କଳନା କରାଯାଇ ପାରେନାହିଁ। ଭାଷାର ସ୍ଥିତି ସର୍ବଦା ପ୍ରୟୋଗ ନିର୍ଭର ହୋଇଥାଏ। ଯେଉଁ ଭାଷା ଯେତେ ଅଧିକ ଧ୍ୱନିତ ହୁଏ ବା ଲିଖିତ ହୁଏ, ସେହି ଭାଷା ସେତେ ଅଧିକ ପ୍ରସାରିତ, ଜୀବଂତ ଓ ବଳଶାଳୀ ତଥା ପ୍ରଭାବଶାଳୀ ହୋଇଥାଏ।**

କୌଣସି ଭାଷା ସ୍ୱୟଂଚାଳିତ ବା ସ୍ୱୟଂସକ୍ରିୟ ହୋଇ ନ ଥାଏ। ଭାଷୀ ଅର୍ଥାତ୍ ଭାଷାର ବ୍ୟବହାରକାରୀମାନେ ଯାହା, ଯେମିତି, ଯେତେ କହଂତି ଭାଷାର ତାହା, ସେମିତି ଓ ସେତେ ହୋଇଥାଏ। ଭାଷା ମୂଳତଃ ଧ୍ୱନି ଭାବରେ ପ୍ରସାରିତ ହୋଇ ମନୁଷ୍ୟର ବିବିଧ ପ୍ରୟୋଜନ ପୂରଣ କରେ। ବିଶ୍ୱର ପ୍ରାୟ ୬୫୦୦ ଭାଷା କଥିତ ହେଉଥିଲେ ହେଁ, କେବଳ ୨୦୦ ଟି ଲିଖିତ ହୁଏ। ଏ ସମସ୍ତ କଥିତ ଓ ଲିଖିତ ଭାଷାର ଅତୀତ, ବର୍ତମାନ ଓ ଭବିଷ୍ୟତ ଏକା ଭଳି ହୋଇ ନଥାଏ। ପ୍ରତ୍ୟେକ ଭାଷାର ପୂର୍ଣାଂଗ ପ୍ରାପ୍ତିର ସଂଭାବନା ଓ ଅସୀମିତ ପ୍ରସାରଣର ସୁଯୋଗ ଅଂତର୍ନିହିତ ହୋଇଥିଲେ ସୁଦ୍ଧା ପ୍ରତ୍ୟେକ ଭାଷା ଏହି ସଂଭାବନା ଓ ସୁଯୋଗକୁ ବାସ୍ତବ ରୂପ ଦେଇପାରଂତି ନାହିଁ। ପରିପକ୍ୱ ହେବା ପୂର୍ବରୁ ଅନେକ ଭାଷା ମଉଳି ଯାଆଂତି। ଭାଷା ସହିତ ଧର୍ମ, ଅଂଚଳ, ଜାତି, ବୃତ୍ତି ଇତ୍ୟାଦି ଏକଦା ଜଡ଼ିତ ହୋଇ ରହିଥିଲା। କିଂତୁ ଭାଷାଂତରଣ, ଦେଶାଂତରଣ, ଗଣ ଯୋଗାଯୋଗ ମାଧ୍ୟମର ଦ୍ରୁତ ପ୍ରସାରଣ ଭଳି କାରଣରୁ ଏବେ ଭାଷା ଧର୍ମ, ଅଂଚଳ, ଜାତି, ବୃତ୍ତି-ନିରପେକ୍ଷ ହୋଇସାରିଲାଣି। ଉନ୍ମୁକ୍ତ ତଥ୍ୟ ଏବଂ ଜ୍ଞାନ ଭଂଡାରକୁ ନିଜର ପ୍ରୟୋଜନ ମୁତାବକ ଆହରଣ କରିବା ନିମଂତେ ପ୍ରାୟ ସଭିଏଁ ବହୁଭାଷୀ ହେବାକୁ ପସଂଦ କରୁଛଂତି। ଆମେ ଯେତେଟା ଭାଷା କହିପାରୁଁ ଓ ଲେଖିପଢ଼ି ଜାଣୁଁ ସେ ସବୁ ଆମର ଭାଷା। କିଂତୁ କେତେକ ରକ୍ଷଣଶୀଳ ବ୍ୟକ୍ତି ଏବେ ବି ଜାତୀୟତା ସହିତ ମାତୃଭାଷାକୁ ଏକତ୍ର କରି ଯୋଡ଼ି ଆମର କର୍ତ୍ତବ୍ୟ ବିଷରେ ଆମକୁ ବାରଂବାର ଭାଷଣ ଶୁଣାଂତି।

ଯେଉଁ ଭାଷା ଯେତେ ଅଧିକ ରାଜାନୁଗ୍ରହ ଲାଭ କରେ, ସେହି ଭାଷା ସେତେ ବୃଦ୍ଧିଶୀଳ ହୁଏ। ବିଶ୍ୱ ସ୍ତରରେ ଇଂଲିଶ୍ ଓ ଦେଶ ସ୍ତରରେ ହିଂଦୀ ଭାଷାର ପ୍ରାଧାନ୍ୟ ବଢ଼ିବା ପଛରେ ଏହି ଧରଣରେ ରାଷ୍ଟ୍ରୀୟ ପୃଷ୍ଠପୋଷକତା ଥିବା କଥା ଅତିସ୍ୱଷ୍ଟ ଭାବରେ ଦିଶୁଛି। ଯେଉଁ ପରିମାଣ ପ୍ରକାରର ଭାଷାଗଠିତ ବ୍ୟବହାର୍ଯ୍ୟ ସାମଗ୍ରୀ( ଯଥା: ଖବରକାଗଜ, ପତ୍ରିକା, ପୁସ୍ତକ,ଗୀତ, ଚଳଚ୍ଚିତ୍ର ଇତ୍ୟାଦି) ଇଂଲିଶ୍ ଓ ହିଂଦୀରେ ମିଳୁଛି, ଅନ୍ୟ ଭାଷାରେ ସେତିକି ମିଳୁନାହିଁ। ସମଗ୍ର ଭାଷା-ବଜାରଟି ଏ ଦୁଇଟି ଭାଷା ଦ୍ୱାରା ଏବେ ଆମ ଦେଶରେ ନିୟଂତ୍ରିତ ହେଉଛି। ଏହି ପ୍ରବଳ ଆର୍ଥନୀତିକ ଶକ୍ତିର ପ୍ରତିରୋଧ କରିବା କିଂବା ବିକଳ୍ପ ଉପସ୍ଥାପିତ କରିବା ଭଳି ସାମର୍ଥ୍ୟ ଅନ୍ୟ ଭାଷାଭାଷୀମାନେ ହାସଲ କରି ପାରିନାହାଂତି। ଏହି ସମସ୍ତ କାରଣରୁ ଜନ ସାଧାରଣଂକର ଭାଷାନୁରାଗ ଓ ଭାଷାନୁଗତ୍ୟରେ ଏକ ଆମୂଳ ପରିବର୍ତନ ଘଟିଯାଉଛି।

ଏହି ସବୁ ବିଷୟକୁ ପୃଷ୍ଠଭୂମିରେ ରଖି ଆମେ ଓଡ଼ିଆ ଭାଷା ବିଷୟରେ ଚିଂତା କରି ବସିଲେ ଆମକୁ ନାନା ପ୍ରକାର ବିଡଂମନାର ସମ୍ମୁଖୀନ ହେବାକୁ ପଡୁଛି। ଆମର ପ୍ରାଚୀନତା, ଗୌରବାବହ ଅତୀତ, ସମୃଦ୍ଧ ସାହିତ୍ୟ, ବିସ୍ତୃତ ଭୂଖଂଡ, ବିପୁଳ ଜନସଂଖ୍ୟା, ସଂତୋଷଜନକ ସାକ୍ଷରତା ହାର ସତ୍ତ୍ୱେ ଓଡ଼ିଆ ଭାଷାର ଉଲ୍ଲେଖନୀୟ ଅଗ୍ରଗତି ହୋଇପାରୁନାହିଁ।

ଏବେ କୌଣସି ଉନ୍ନତ ବା ଉନ୍ନତିଶୀଳ ଭାଷା ନିଜର ଏକକ ପରିଚୟ ବା ବିଶିଷ୍ଟତା ରକ୍ଷା କରିପାରିବା ଭଳି ସ୍ଥିତିରେ ନାହିଁ। ପ୍ରତ୍ୟେକ ଭାଷା ସହିତ ଅନ୍ୟାନ୍ୟ ଭାଷାର ସଂସର୍ଗ ଯୋଗୁଁ ଶବ୍ଦ କ୍ଷେତ୍ରରେ ଦେଣନେଣ ଖୁବ୍ ଅଧିକ ବଢ଼ି ଯାଇଛି। ସର୍ବଭାଷା ସମଭାବ ନୀତିରେ ବିଶ୍ୱାସ କରୁଥିବା ବ୍ୟକ୍ତିଗଣ ଉଦାରତା ସହକାରେ ଏହି ଆଦାନ-ପ୍ରଦାନକୁ ଗ୍ରହଣ କରି ପରସ୍ପରର ଭାଷାକୁ ସମୃଦ୍ଧ କରୁଛଂତି। ଅପାଠୁଆ ଲୋକେ ସୁଦ୍ଧା ହିଂଦୀ, ଇଂଲିଶ୍, ଉର୍ଦ୍ଦୁ, ବଂଗଳା, ତେଲୁଗୁ ଭଳି ପଡ଼ୋଶୀ ଭାଷାକୁ ନେଇ ନିଜର କଥୋପକଥନରେ ମିଶାଇ ଦେଉଛଂତି। କେବଳ ରକ୍ଷଣଶୀଳ ବ୍ୟକ୍ତିଗଣ ଏହି ପ୍ରକ୍ରିୟାକୁ ନାପସନ୍ଦ କରୁଛଂତି।

ଭାଷାରେ ଲିଖିତ ଦଲିଲ, ନଥି, ଦସ୍ତାବେଜ, ଚିଠିପତ୍ର, ସାହିତ୍ୟ ଇତ୍ୟାଦିରେ ଭାଷାର ଏକ ତତ୍କାଳୀନ ରୂପସ୍ଥିର ହୋଇ ରହିଯାଇଥାଏ। କିଂତୁ ଚଳଂତି ଭାଷାରେ ଗଦ୍ୟାତ୍ମକ ପରିବର୍ତ୍ତନ ସର୍ବଦା ଘଟି ଚାଲିଥିଲେ ହେଁ ଓଡ଼ିଆ ଶବ୍ଦକୋଷ କିଂବା ବ୍ୟାକରଣ ଗ୍ରଂଥଗୁଡ଼ିକରେ ତହିଁର ପ୍ରତିଫଳନ ଦେଖିବାକୁ ମିଳେନାହିଁ। ଭାଷା ଗବେଷଣା ନାମରେ ଗତ ବହୁବର୍ଷ ଧରି ଆମେ ଏ ରାଜ୍ୟରେ ଶିଳାଲିପି, ତାଳପତ୍ରପୋଥି, ହାତଙ୍ଗଜା ଅକ୍ଷରରେ ମୁଦ୍ରିତ ବହିଗୁଡ଼ିକର ଅଧ୍ୟୟନ ଓ ଅନୁଶୀଳନ କରିଚାଲିଛୁ। ବାସ୍ତବ କ୍ଷେତ୍ରରେ ନିତ୍ୟ କଥିତ ଭାଷା ପ୍ରତି ଧ୍ୟାନ ଦିଆଯାଇ ନ ଥିବା ଯୋଗୁଁ ଆମକୁ ଭାଷାର ଯେଉଁ ରୂପ ଦେଖିବାକୁ ମିଳୁଛି ତାହା ସଂପୂର୍ଣ ଭାଷାର ଏକ ସାମାନ୍ୟ ଅଂଶ। ସାହିତ୍ୟ ପ୍ରତି ଅଧିକ ଧ୍ୟାନ ଦେଉଥିବା ଯୋଗୁଁ ଆମର ଗବେଷକମାନଂକ ଦୃଷ୍ଟି ଆଢୁଆଳରେ ଭାଷାର ବହୁସ୍ତରୀୟ ପ୍ରୟୋଗ ଓ ଆଂଚଳିକ ବିବିଧତା ଏ ଯାଏଁ ଅଜ୍ଞାତ ହୋଇ ରହିଛି।

ଯେଉଁ ଗତି ଓ ପରିମାଣରେ ଲିପି- ଆଶ୍ରିତ ତଥ୍ୟ, ମତ, ସୂଚନା ଓ ଜ୍ଞାନର ବିଶ୍ୱବ୍ୟାପୀ ଆଦାନ-ପ୍ରଦାନ ନିରଂତର ଚାଲିଛି, ସେହି ସ୍ଥିତିରେ ପହଚିଂବା ତ ଦୂରର କଥା, ତହିଁରେ ଅଂଶ ଗ୍ରହଣ କରିବାର ଉଦ୍ୟମ ସୁଦ୍ଧା ଓଡ଼ିଶାରେ ଆରଂଭ ହୋଇପାରିନାହିଁ। ପାରିବାରିକ ଓ ନିକଟସ୍ଥ ସାମାଜିକ ସ୍ତରରୁ ଟିକିଏ ଉପର ସ୍ତରକୁ ସୁଦ୍ଧା ଓଡ଼ିଆ ଭାଷା ପହଂଚିପାରିନାହିଁ।

ବିଶ୍ୱର ଭାଷା- ମଂଡଳରେ ଆମ ଭାଷାର ଅନୁପସ୍ଥିତି ଯୋଗୁଁ ଆମେ ବ୍ୟଥିତ କିଂବା ଚିଂତିତ ନୋହୁଁ। ଭାଷାତତ୍ତ୍ୱର ମୌଳିକ ଓ ଅପରିବର୍ତ୍ତନୀୟ ସିଦ୍ଧାଂତ ବିଷୟରେ ସାମାନ୍ୟତମ ଜ୍ଞାନ କି ଧାରଣା ନ ଥିବା ସତ୍ତ୍ୱେ ଆମ ରାଜ୍ୟର ନେତା, ପ୍ରଶାସକ, ଶିକ୍ଷକ, ଅଧ୍ୟାପକ, ସାଂବାଦିକ ଓ ସାହିତ୍ୟକାରମାନଂକ ହାତରେ ଭାଷାର ଭବିଷ୍ୟତ ନିର୍ଧାରଣ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଅନଭିଜ୍ଞ ଲୋକଂକର ଅସମନ୍ୱିତ କାର୍ଯ୍ୟକଳାପ ଯୋଗୁଁ ଭାଷାର କୌଣସି ଉନ୍ନତି ହେଉନାହିଁ।

ଆମର ଭାଷା ଚରମ ଦୁର୍ଦଶା ଆଡ଼କୁ ମୁହାଁଇଛି। ଆମର ଆବେଗଭରା ବ୍ୟାକୁଳତା ଯୋଗୁଁ ସ୍ଥିତିରେ କୌଣସି ପରିବର୍ତନ ହେବାର ସଂଭାବନା ଦିଶୁ ନାହିଁ। ଜୀବନର ଅନ୍ୟାନ୍ୟ ବିଷୟ ଭଳି ଭବିଷ୍ୟତକୁ ଭାଗ୍ୟ କି ଭଗବାନଂକ ଦାୟିତ୍ୱରେ ଛାଡ଼ି ଦିଆଯାଇ ପାରିବନାହିଁ। ଏ କ୍ଷେତ୍ରରେ ଆମର ଅସଂପୃକ୍ତି, ଅନାଗ୍ରହ ଓ ନିଷ୍କ୍ରିୟତା ଯୋଗୁଁ ଆମ ଭାଷାର ଭବିଷ୍ୟତ ଶୋଚନୀୟ ହୋଇ ପଡ଼ିବ। ଆମ ଭାଷାର ଉନ୍ନତି କେବଳ ଆମେ ହିଁ କରିବା କଥା। କାରଣ ଅନ୍ୟ ଭାଷାଭାଷୀମାନେ ଏ କାର୍ଯ୍ୟ ଆଦୌ କରିପାରିବେ ନାହିଁ। ଅଫଳପ୍ରସୂ ପାରଂପରିକ ଢଂଗ ପରିହାର କରି ନୂଆ କିଛି କରିବାର ସମୟ ଆସିଯାଇଛି। ■

ବି- ୧୫୪୧, ସେକ୍ଟର - ୬
ସି.ଡି.ଏ., କଟକ : ୭୫୩୦୧୪



# ଓଡ଼ିଆ ଭାଷାର ଐତିହ୍ୟ



ପ୍ରଫେସର ପ୍ରେମାନନ୍ଦ ମହାପାତ୍ର

**ଓଡ଼ିଆ ଭାଷା ଏକ ଆଧୁନିକ ଭାରତୀୟ ଆର୍ଯ୍ୟ ଭାଷା ହେଲେ ହେଁ ଏହାର ଅତୀତ ସୁଦୂରପ୍ରସାରୀ । ଓଡ଼ିଆ ଭାଷାର ସୁଦୀର୍ଘ ଐତିହ୍ୟ ରହିଛି । ଏହା ହେଉଛି ଗୋଟିଏ ପୂର୍ବାଞ୍ଚଳୀୟ ସମୃଦ୍ଧଶାଳୀ ଭାରତୀୟ ଭାଷା । ଭାଷାବିତ୍ ଗ୍ରୀୟରର୍ସନଙ୍କ ମତରେ ଓଡ଼ିଆ ଭାଷା ହେଉଛି ଏକ ବହିରଙ୍ଗ ବର୍ଗୀୟ ଭାଷା । ଏହା ଏକ ବିକଶିତ ଓ ମର୍ଯ୍ୟାଦାବନ୍ତ ଭାଷା । ଏହା ଓଡ଼ିଶାର ଲୋକକଥିତ, ସାହିତ୍ୟ, ଶିକ୍ଷା ଓ ଶାସନକଳର ଭାଷା । ଓଡ଼ ବା ଉଡ୍ରମାନଙ୍କର ବାସଭୂମି ଓଡ଼ିଶାର ନାମାନୁସାରେ ଏହା ଓଡ଼ିଆ ଭାଷା ନାମରେ ନାମିତ । ଭାଷାବିତ୍ ହର୍ଣ୍ଣଲେଙ୍କ ମତରେ ଓଡ଼ିଆ ଭାଷା 'ପ୍ରାଚ୍ୟ ବର୍ଗୀୟ' ଭାଷାର ଅନ୍ତର୍ଭୁକ୍ତ । ଡକ୍ଟର ଭୋଳାନାଥ ତିୱାରୀ ଓଡ଼ିଆ ଭାଷାକୁ 'ପୂର୍ବୀ ବର୍ଗୀୟ' ଭାଷାର ଅନ୍ତର୍ଭୁକ୍ତ କରିଛନ୍ତି ।**

ଓଡ଼ିଆ ଭାଷାର ସୁଦୃଢ଼ ଐତିହ୍ୟ ରହିଛି । ପ୍ରାୟତଃ ଦୁଇହଜାର ବର୍ଷ ବ୍ୟାପୀ କ୍ରମବିବର୍ତ୍ତନ ଧାରାରେ ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷାରୁ ଓଡ଼ିଆ ଭାଷାର ଉତ୍ପତ୍ତି ଘଟିଛି । ତେଣୁ ଓଡ଼ିଆ ଭାଷା ଭାରତୀୟ ଆର୍ଯ୍ୟଭାଷା ପରିବାର ଅନ୍ତର୍ଗତ । ଭାରତୀୟ ଆର୍ଯ୍ୟଭାଷାର ପ୍ରାଥମିକ ନିଦର୍ଶନ ହେଉଛି ସଂସ୍କୃତ । ଏହି ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷା ଦୁଇଗୋଟି ସ୍ତରରେ ବିଭକ୍ତ; ଯଥା –(କ) ବୈଦିକ ସଂସ୍କୃତ ଓ (ଖ)ଲୌକିକ ସଂସ୍କୃତ । ବେଦ, ସଂହିତା, ବ୍ରାହ୍ମଣ, ଆରଣ୍ୟକ ଓ ପ୍ରାଚୀନ ଉପନିଷଦର ଭାଷାକୁ ବୈଦିକ ସଂସ୍କୃତ କୁହାଯାଏ । ଏହା କ୍ଲିଷ୍ଟ, ଧାତୁପ୍ରଧାନ ଏବଂ ସ୍ୱରପ୍ରଧାନ । ଲୌକିକ ସଂସ୍କୃତ ବା କ୍ଲାସିକାଲ୍ ସଂସ୍କୃତ ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷାର ଅନ୍ୟତମ ନିଦର୍ଶନ । ଲୌକିକ ସଂସ୍କୃତ ଭାଷାରୁ ଖ୍ରୀ.ପୂ. ୫୦୦ ବେଳକୁ ମଧ୍ୟ ଭାରତୀୟ ଆର୍ଯ୍ୟଭାଷାର ବିକାଶ ଘଟିସାରିଲାଣି ।



ମଧ୍ୟ ଭାରତୀୟ ଆର୍ଯ୍ୟଭାଷା ତିନିଗୋଟି ସ୍ତରଦେଇ ଗତିଶୀଳ ହୋଇଛି । ମଧ୍ୟଭାରତୀୟ ଆର୍ଯ୍ୟଭାଷାର ପ୍ରଥମସ୍ତର ହେଉଛି ପାଲି । ସମ୍ରାଟ ଅଶୋକଙ୍କ ଲିଖିତ ଅନୁଶାସନଗୁଡ଼ିକ ପାଲିଭାଷାରେ ଲିଖିତ । କାଳକ୍ରମେ ପାଲିଭାଷାରୁ ଦ୍ୱିତୀୟସ୍ତର ପ୍ରାକୃତ ଭାଷା ଉତ୍ପତ୍ତି ଲାଭ କରିଛି । ସ୍ଥାନଭେଦରେ ପ୍ରାକୃତ ଭାଷାକୁ ପାଞ୍ଚଗୋଟି ସ୍ତରରେ ବିଭକ୍ତ କରାଯାଇଛି; ଯଥା –ମହାରାଷ୍ଟ୍ରୀ ପ୍ରାକୃତ, ଶୌରସେନୀ ପ୍ରାକୃତ, ମାଗଧୀ ପ୍ରାକୃତ, ପୈଶାଚୀ ପ୍ରାକୃତ ଓ ଅର୍ଦ୍ଧ ମାଗଧୀ ପ୍ରାକୃତ । ମାଗଧୀ ପ୍ରାକୃତ ଭାଷାକୁ ଅଞ୍ଚଳ ଭେଦରେ ପାଞ୍ଚ ଭାଗରେ ବିଭକ୍ତ କରାଯାଇଛି; ଯଥା–ପୂର୍ବୀମାଗଧୀ ପ୍ରାକୃତ, ପଶ୍ଚିମୀମାଗଧୀ ପ୍ରାକୃତ, ଉତ୍ତରୀମାଗଧୀ ପ୍ରାକୃତ, ଦକ୍ଷିଣୀମାଗଧୀ ପ୍ରାକୃତ ଓ ମଧ୍ୟମାଗଧୀ ପ୍ରାକୃତ । ସମୟକ୍ରମେ ପ୍ରାକୃତ ଭାଷାରୁ ଅପଭ୍ରଂଶ ଭାଷା ସୃଷ୍ଟିଲାଭ କରିଥିଲା । ଏହି କ୍ରମରେ ପୂର୍ବୀମାଗଧୀ ପ୍ରାକୃତ ପୂର୍ବୀମାଗଧୀ ଅପଭ୍ରଂଶ ଭାଷାରେ ପରିଣତ ହେଲା । ପୂର୍ବୀମାଗଧୀ ଅପଭ୍ରଂଶ ଭାଷାକୁ ଉତ୍ତରୀ–ପୂର୍ବୀମାଗଧୀ ଅପଭ୍ରଂଶ ଏବଂ ଦକ୍ଷିଣୀପୂର୍ବୀ ମାଗଧୀ ଅପଭ୍ରଂଶ- ଏହିପରି ଦୁଇଭାଗରେ ବିଭକ୍ତ କରାଯାଇଛି ।

ଦକ୍ଷିଣୀ-ପୂର୍ବୀ ମାଗଧୀ ଅପଭ୍ରଂଶର ଅନ୍ୟ ନାମ ହେଉଛି 'ଔଡ୍ରୀ- ଅପଭ୍ରଂଶ' । ଏହି ଔଡ୍ରୀ ଅପଭ୍ରଂଶର ପୂର୍ବ ନାମ ହେଉଛି 'ଔଡ୍ରୀ ବିଭାଷା' । ଆଚାର୍ଯ୍ୟ ଭାରତ ମୁନିଙ୍କ 'ନାଟ୍ୟଶାସ୍ତ୍ର' ଗ୍ରନ୍ଥରେ 'ଔଡ୍ରୀ ବିଭାଷା'ର ଉଲ୍ଲେଖ ରହିଛି । ଏହି ଗ୍ରନ୍ଥରେ ଶକରା, ଆଭୀର, ଚଣ୍ଡାଳ, ଶବର ଦ୍ରାବିଡ଼, ଉଡ୍ର (ଔଡ୍ରୀ), ଉଡ୍ରଜା ଓ ବନଚରମାନଙ୍କର ଭାଷାକୁ ବିଭାଷା ଭାବରେ ବର୍ଣ୍ଣନା କରାଯାଇଛି । ଖ୍ରୀଷ୍ଟୀୟ ଦ୍ୱିତୀୟ ଶତାବ୍ଦୀ ବେଳକୁ ପୂର୍ବୀ –ମାଗଧୀ ପ୍ରାକୃତ ସହିତ ଅଷ୍ଟ୍ରିକ୍ ଓ ଦ୍ରାବିଡ଼ ଭାଷାର ସମ୍ମିଶ୍ରଣ ଘଟି 'ଔଡ୍ରୀ ବିଭାଷା'ର ସୃଷ୍ଟି ହୋଇଛି । ସପ୍ତମ ଶତାବ୍ଦୀବେଳକୁ 'ଔଡ୍ରୀ ଅପଭ୍ରଂଶ'ର ନାମ କରଣ ହୋଇସାରିଥିଲା । ହୁଏନସାଂ ଉଡ୍ର ଦେଶର ଭାଷାକୁ 'ଉ-ଚ' ଭାବରେ ଉଲ୍ଲେଖ କରିଛନ୍ତି । ଏହା ଉଡ୍ର (ଓଡ୍ର) ଶବ୍ଦର ବିକୃତ ଉଚ୍ଚାରଣ । ହୁଏନ୍‌ସାଂ ଉଡ୍ର ଦେଶର ଭାଷା ସମ୍ପର୍କରେ ଯେଉଁ ସୂଚନା ଦେଇଛନ୍ତି, ତାହା ନିଶ୍ଚିତ ଭାବରେ 'ଓଡ୍ରୀ ଅପଭ୍ରଂଶ' ।

ଦଶମ ଶତାବ୍ଦୀରେ ଦକ୍ଷିଣୀ –ପୂର୍ବୀ ମାଗଧୀ ଅପଭ୍ରଂଶ ବା 'ଔଡ୍ରୀ ଅପଭ୍ରଂଶ' ଭାଷାରୁ ଓଡ଼ିଆ ଭାଷା ମୌଳିକ ଓ ସ୍ୱତନ୍ତ୍ର ଭାବରେ ଉନ୍ମେଷ ଲାଭ କରିଥିଲା । ଶୈଳୋଦ୍ଭବ, ଭୌମକର ଓ ଗଙ୍ଗବଂଶୀ ରାଜାମାନଙ୍କ ଦ୍ୱାରା ଖୋଦିତ ଅଭିଲେଖଗୁଡ଼ିକରେ ଏବଂ ସିଦ୍ଧାଚାର୍ଯ୍ୟମାନଙ୍କ ଦ୍ୱାରା ଲିଖିତ ପଚାଶଗୋଟି ଚର୍ଯ୍ୟାଗୀତିକାରେ ପ୍ରତ୍ନ ଓଡ଼ିଆ ଭାଷାର ସନ୍ଧାନ ମିଳିଥାଏ । ଗଣ୍ଡିବେଢ଼ ବୌଦ୍ଧମୂର୍ତ୍ତିରେ ରହିଥିବା ଶିଳାଲେଖ (୧୦ମ ଓ୧୧ଶତାବ୍ଦୀ), ଅନନ୍ତ ଦେବବର୍ମାଙ୍କର ମଞ୍ଜୁଷା ତାମ୍ରଶାସନ (୧୦ମ ଶତାବ୍ଦୀ), ୨ୟ ବଜ୍ରହସ୍ତ ଦେବଙ୍କର ଉରଜାମ୍ ଶିଳାଲେଖ (ଖ୍ରୀ.୧୦୫୧), ଦ୍ୱିତୀୟ ନରସିଂହଦେବଙ୍କର ଦ୍ୱୈଭାଷିକ ଶିଳାଲେଖ (ଖ୍ରୀ.୧୨୪୯) ପ୍ରଭୃତିରେ ପ୍ରାଚୀନ ଓଡ଼ିଆ ଭାଷାର ସନ୍ଧାନ ମିଳେ । ଏପରିକି ମାଧବ ବର୍ମାଙ୍କ ନିବିନା ତାମ୍ରଶାସନ (ଖ୍ରୀ .୬୨୯)ରେ 'କୁମ୍ଭାର' ଶବ୍ଦ ଏବଂ ଅନନ୍ତ ଦେବ ବର୍ମାଙ୍କ ମଞ୍ଜୁଷା ତାମ୍ର ଶାସନରେ 'ଭିତରୁ' ଏବଂ 'ପନ୍ଦର' ଶବ୍ଦଗୁଡ଼ିକର ବ୍ୟବହାର ଦେଖିବାକୁ ମିଳେ ।

ତେଇଶି ଜଣ ସିଦ୍ଧ ସାଧକ ପଚାଶଗୋଟି ଚର୍ଯ୍ୟାପଦ ରଚନା କରିଥିବାର ପ୍ରମାଣ ମିଳିସାରିଛି । ଏହି ଚର୍ଯ୍ୟାଗୀତିକାଗୁଡିକରେ ବହୁ ପ୍ରତ୍ନ ଓଡ଼ିଆ ଶବ୍ଦର ସନ୍ଧାନ ମିଳେ । ଦୃଷ୍ଟାନ୍ତସ୍ୱରୂପ – ଅଇସ, ଅକିଲେସେଁ, ଉଏଲା, ଉମ୍ମତ, ଏକେଲି, କାଆ, କଙ୍ଗୁଚିନା, କପାସୁ, କୋଇ, ଗଅଣ, ଗିବତ, ଗୁହାଡ଼ି, ଘୋଲିଅ, ଚିଅ, ଚେଅନ, ଛୋଇ, ଜାହେର, ଜିଣ, ଜୋହ୍ନା, ଟାଲିଉ, ଡାହ, ତାଁବୋଲା, ଦିବି, ନିରବେଣ, ପଇସଇ, ପଦୁମା, ପହାରି, ପାକେଲା, ପାବତ, ପିରିଚ୍ଛା, ବିଳସଇ, ଭଇଲା, ମୋଲାଣ, ମୋରଙ୍ଗୀ, ଲେହୁଁ, ହାଉଁ, ହାଣ୍ଡି, ହେଞ୍ଚେ ଇତ୍ୟାଦି । ପଣ୍ଡିତ ବିନାୟକ ମିଶ୍ର, ଗୋପାଳ ଚନ୍ଦ୍ର ପ୍ରହରାଜ ପ୍ରଭୃତି ମତ ପୋଷଣ କରିଛନ୍ତି ଯେ ଚର୍ଯ୍ୟାଗୀତିକାଗୁଡ଼ିକର ଭାଷା ହେଉଛି ପ୍ରାଚୀନ ଓଡ଼ିଆ ।

ସାରଳା ଓ ପଞ୍ଚସଖା ସାହିତ୍ୟରେ ପ୍ରାଚୀନ ଓଡ଼ିଆ ଭାଷାର ନମୁନା ଦେଖିବାକୁ ମିଳେ । ସାରଳା ଦାସ ଓଡ଼ିଆ ଭାଷାର ଭିତ୍ତି ସ୍ଥାପନ କଲେ । ସାରଳା ଦାସ ଓଡ଼ିଆ ଭାଷା ସହିତ ତତ୍କାଳୀନ ଭାରତରେ ପ୍ରଚଳିତ ଥିବା ତେଲଙ୍ଗୀ, ନାଗେରୀ, ଦକ୍ଷିଣୀ ଗଉଡ଼ୀ, ରାମହାଟୀ ପ୍ରଭୃତିକୁ 'ମହାଭାଖା' (ମହାଭାଷା) ନାମରେ ନାମିତ କରିଛନ୍ତି । ତେବେ ସାରଳା ମହାଭାରତରେ ବହୁପ୍ରାଚୀନ ଓଡ଼ିଆ ଶବ୍ଦ ଦେଖିବାକୁ ମିଳେ ; ଯଥା – ଅଗାଦ, ଅଘୋର, ଅନ୍ତୋଡ଼ି, ଅନ୍ୟାକାର, ଅପଛରୀ, ଅପଛାତି, ଆଞ୍ଜୋବନ, କଇବ୍ରତୀ, କାମେନୀ, କୋଇନ୍ତା, ଗଉରୋବ, ଗୋପ୍ୟାନ, ଗୋସାମଣି, ଚଚ୍ଛୁ, ଛୟାଣୋଇ, ଜାହ୍ନଭୀ, ଝାଟିକାରେ, ତାଣ୍ଡେବ, ଦଇନି, ଦଚ୍ଛ, ଦୃଜନ, ଦ୍ରଶନ, ନିତ୍ୟାନ୍ତ, ନିରିଗୁଣ, ପଞ୍ଚୁନୁନୁ, ପଞ୍ଚୁମଉଳି, ପ୍ରୋହିତ, ବହେଣି, ବ୍ରତମାନ, ଭାବେନୀ, ମଣ୍ଡୋପ, ଶାହାସ୍ର, ଶ୍ରାହନ, ରୟେନି, ସମ୍ପୋର୍ଣ୍ଣ, ହାଥ, ହାଦେ, ହେଠ, ହୁଲହୁଲି ଇତ୍ୟାଦି ।

ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ ଏକ ଉଚ୍ଚକୋଟୀର ସର୍ଜନା । ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତର ଭାଷା ହେଉଛି ଷ୍ଟାଣ୍ଡାର୍ଡ଼ ଓଡ଼ିଆ । ଅବଶ୍ୟ ଜଗନ୍ନାଥ ଦାସ ଭାଗବତର ଭାଷା ସମ୍ପର୍କରେ ଲେଖିଛନ୍ତି –

"ପ୍ରାକୃତ ବନ୍ଧେ ଭାଗବତ ।
କହଇ ଦାସ ଜଗନ୍ନାଥ । "

ଓଡ଼ିଆ ଭାଗବତରେ ବ୍ୟବହୃତ କେତେକ ପ୍ରାଚୀନ ଓ ଦେଶଜ ଶବ୍ଦ ହେଉଛି – ଅଡ଼ା, ଆକଟ, ଆଡ଼ତିଆ, ଉସତ, ଓଡ଼ିଆଣୀ, କାଛ, ଗୋଇ, ଚୂଳ, ଧାତିକାରେ, ନିଉଛାଳି, ପାଣ୍ଠୋଇ, ପୋଏ, ବହନ, ମଞ୍ଜରୀ ପୁଅ, ମଢିଆଳ, ରାଢ, ଶଙ୍ଖାଳି, ସୀମସ୍ଥାନ, ହାଦେ, ଖେଦିବା, ଉଚ୍ଛୁଡ଼ିବା, ଉବୁରିବା, ଆଞ୍ଜିବା, ଗାଳିବା, ହାନ୍ଦୋଳ କରିବା ଇତ୍ୟାଦି ।

ପରବର୍ତ୍ତୀ କାଳରେ ଷୋଡ଼ଶ ଓ ସପ୍ତଦଶ ଶତାବ୍ଦୀ ଓଡ଼ିଶାର କବିମାନେ ଉଚ୍ଚକୋଟୀର କାବ୍ୟ ସର୍ଜନା କରି ଓଡ଼ିଆ ଭାଷାକୁ ବେଶ୍ ସମୃଦ୍ଧ ଓ ଶ୍ରୀମନ୍ତ କରିଛନ୍ତି । ମଧ୍ୟଯୁଗର କବି ଭୂପତି ପଣ୍ଡିତ, ଧନଞ୍ଜୟ ଭଞ୍ଜ, ଦୀନକୃଷ୍ଣ ଦାସ, କବିସମ୍ରାଟ ଉପେନ୍ଦ୍ର ଭଞ୍ଜ, ଉତ୍କଳଘଣ୍ଟ ଯଦୁମଣି ମହାପାତ୍ର, ଅଭିମନ୍ୟୁ ସାମନ୍ତସିଂହାର, କବିସୂର୍ଯ୍ୟ ବଳଦେବ ରଥ, ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା ପ୍ରମୁଖ କବିମାନେ ଓଡ଼ିଆ ଭାଷାକୁ ବେଶ୍ ସମୃଦ୍ଧ ଓ ମର୍ଯ୍ୟାଦାବନ୍ତ କରିଥିଲେ । ଅଭିମନ୍ୟୁ ସାମନ୍ତ ସିଂହାର ଲେଖିଛନ୍ତି –

"ଦିବ୍ୟ ଅଦିବ୍ୟ ଭାଷାରେ ପଦ ହେବ ସିଦ୍ଧି ।"

ଏହିପରି ଭାବରେ ମଧ୍ୟଯୁଗୀୟ ଓଡ଼ିଆ କବିମାନେ ଉଭୟ ତତ୍ସମ ଓ ତଦ୍ଭବ ଶବ୍ଦର ପ୍ରୟୋଗରେ ଓଡ଼ିଆ ଶବ୍ଦ ଭଣ୍ଡାରକୁ ସମୃଦ୍ଧଶାଳୀ କରିଛନ୍ତି । କବି ବ୍ରଜନାଥ ବଡ଼ଜେନା, କବିସୂର୍ଯ୍ୟ ବଳଦେବରଥଙ୍କ କାବ୍ୟକୃତିରେ ବହୁ ଯାବନିକ ଶବ୍ଦର ପ୍ରୟୋଗ ମଧ୍ୟ ଦେଖିବାକୁ ମିଳେ । ଫଳରେ ଓଡ଼ିଆ ଶବ୍ଦଭଣ୍ଡାର ଆହୁରି ପରିପୁଷ୍ଟ ହେବାର ସୌଭାଗ୍ୟ ଲାଭକଲା ।

ଓଡ଼ିଆ ଭାଷାର ଐତିହ୍ୟ ବେଶ୍ ଗୌରବୋଜ୍ଜ୍ୱଳ ଏବଂ ପୁଷ୍କଳ । ଭାଷା ଆମର ମୂଲ୍ୟବାନ ସମ୍ପତ୍ତି । ଭାଷାକୁ କାଳେ କାଳେ ସମ୍ମାନ ଓ ଶ୍ରଦ୍ଧା ପ୍ରଦର୍ଶନ କରିବା ବିଧେୟ । ଏହି ମର୍ମରେ କବି ଭୂପତି ପଣ୍ଡିତ ଲେଖିଛନ୍ତି- 'ଭାଷାକୁ ଅବଜ୍ଞା ନ କରି ।' ଓଡ଼ିଆ ଭାଷାର ଐତିହ୍ୟକୁ ଅଧ୍ୟୟନ କରିବା ଆଜିର ସମୟର ଆହ୍ୱାନ । ପ୍ରତ୍ୟେକ ଓଡ଼ିଆ ଆମ ଭାଷାର ଏହି ବର୍ଣ୍ଣାଢ୍ୟ ଐତିହ୍ୟକୁ ଅନୁଶୀଳନ କରି ନିଜକୁ ଗୌରବାନ୍ୱିତ ମନେକରିବା ଯଥାର୍ଥ ବୋଲି ମନେହୁଏ । ■

କାର୍ଯ୍ୟକ୍ରମ ପରାମର୍ଶଦାତା
ଓଡ଼ିଆ ଭାଷା ପ୍ରତିଷ୍ଠାନ
ମୋ : ୯୪୩୭୬୪୪୩୩

# ଓଡ଼ିଆ ଭାଷାର ଅକ୍ଷରବେଦ: ବର୍ଣ୍ଣବୋଧ



**ମାତୃଭାଷା ଗୋଟିଏ ଜାତିର ଆତ୍ମା । ମାତୃ ଭାଷାର ସମ୍ମାନ ହିଁ ଜାତିର ସମ୍ମାନ । ସେଥିପାଇଁ ଶାସ୍ତ୍ରୀୟ ମାନ୍ୟତା ପାଇବା ପରେ ଭାଷାକୁ ନେଇ ଗର୍ବ ଅନୁଭବ କରୁଛି ଜାତି । ଭାଷା ଶାସ୍ତ୍ରୀୟ ସ୍ୱୀକୃତି ପାଇବା ଦ୍ୱାରା କେବଳ ଯେ ଭାଷାର ଗୌରବ ବୃଦ୍ଧି ହୋଇଛି ତାହା ନୁହେଁ, ଏଥି ସହିତ ଲୋକଲୋଚନକୁ ଆସିପାରିଛି ତା'ର ପ୍ରାଚୀନତା ଓ ମୌଳିକତା ସମ୍ପର୍କିତ ଅନେକ ତଥ୍ୟ । ଓଡ଼ିଆ ଭାଷାର ଗୌରବମୟ ଇତିହାସରୁ ଜଣାଯାଏ, ଶତଶତ ବର୍ଷ ଧରି ଉଚ୍ଚାରଣ ଓ ଲେଖା ମାଧ୍ୟମରେ ଓଡ଼ିଆ ଭାଷା ପାଲି-ପ୍ରାକୃତ ଓ ଅପଭ୍ରଂଶ ସ୍ତରରୁ ମାର୍ଜିତ ହୋଇ ସାରଳା - ପଞ୍ଚସଖା, ରୀତି ଯୁଗ ଓ ଆଧୁନିକ ଯୁଗରେ ମାନକ-ଓଡ଼ିଆ ଭାଷାରେ ପରିଣତ ହେଲା; ଯାହାର ସର୍ବଶେଷ ନିର୍ଯ୍ୟାସ ହେଉଛି ଭକ୍ତକବି ମଧୁସୂଦନ ରାଓଙ୍କ 'ବର୍ଣ୍ଣବୋଧ' ।**



ଡ. ପ୍ରଫୁଲ୍ଲ କୁମାର ସାହୁ




ଉନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଅର୍ଥାତ୍ ନଅଙ୍କ ଦୁର୍ଭିକ୍ଷ ପରେ ଓଡ଼ିଆ ଜାତି ଯେତେବେଳେ ଅଣ୍ଟା ସଳଖି ଠିଆ ହେବାକୁ ଚେଷ୍ଟା କରୁଥିଲା, ସେତେବେଳେ କତିପୟ ବଙ୍ଗାଳୀ ପଣ୍ଡିତଙ୍କ ପକ୍ଷରୁ ଓଡ଼ିଆ ଭାଷା ଉପରେ ପଡ଼ିଲା ଶକ୍ତ ପ୍ରହାର । ଓଡ଼ିଆ ମାଟିରେ ଜଣେ ବେତନଭୋଗୀ ବଙ୍ଗୀୟ ଶିକ୍ଷକ ବାବୁ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ ଓଡ଼ିଆ ଭାଷାକୁ ବଙ୍ଗଳା ଭାଷାର ଉପଭାଷା ବୋଲି ପ୍ରମାଣ କରିବାକୁ ଯାଇ ଏକ ପୁସ୍ତିକା ଲେଖିଲେ -'ଓଡ଼ିଆ ସ୍ୱତନ୍ତ୍ର ଭାଷା ନଏ' । ଏଥିରେ ଉତ୍ସାହିତ ହୋଇ କଚେରି ଓ ବିଦ୍ୟାଳୟରୁ ଓଡ଼ିଶାରୁ ଓଡ଼ିଆ ଭାଷାକୁ ଉଚ୍ଛେଦ ପାଇଁ ଲାଗି ପଡ଼ିଲେ ଆଉ କିଛି ବଙ୍ଗୀୟ କର୍ମଚାରୀ । ଓଡ଼ିଆ ପରିବର୍ତ୍ତେ ବଙ୍ଗଳା ଭାଷାରେ ଶିକ୍ଷାଦାନ କରାଯାଉ ବୋଲି ସେମାନେ ଇଂରେଜ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କଲେ ଏବଂ ତା'ର ମୁଖ୍ୟ ଆଧାର ଥିଲା - ଓଡ଼ିଆ ଭାଷାରେ ପାଠ୍ୟ ପୁସ୍ତକର ଅଭାବ । ସେମାନଙ୍କର ଏଭଳି ଯୁକ୍ତିକୁ ମିଥ୍ୟା ଓ ଉଦ୍‌ଭଟ ବୋଲି ପ୍ରମାଣ କରିବା ପାଇଁ ଏକାଠି ହେଲେ କର୍ମବୀର ଗୌରୀଶଙ୍କର ଓ ବ୍ୟାସକବି ଫକୀର ମୋହନ ପ୍ରମୁଖ ଜାତିପ୍ରାଣମାନେ । ପାଠ୍ୟ ପୁସ୍ତକର ଅଭାବ ଦୂର କରିବା ପାଇଁ ଆଗେଇ ଆସିଲେ ଅନେକ କବି ଓ ଲେଖକ । ପ୍ରକାଶ ପାଇଲା ଗୋବିନ୍ଦ ରଥଙ୍କ 'ବର୍ଣ୍ଣବୋଧକ' ମଧୁସୂଦନ ମିଶ୍ରଙ୍କ 'ବର୍ଣ୍ଣନିୟମ', ଘନଶ୍ୟାମ ମିଶ୍ରଙ୍କ 'ବର୍ଣ୍ଣପରିଚୟ' କପିଳେଶ୍ୱର ବିଦ୍ୟା ଭୂଷଣଙ୍କ 'ବର୍ଣ୍ଣଶିକ୍ଷା', ଅଭୟ ନାୟକଙ୍କ 'ବର୍ଣ୍ଣବୋଧକ', ବଳରାମ ଦାଶଙ୍କ 'ଶିକ୍ଷା ମଞ୍ଜରୀ', କାଳୀପ୍ରସାଦ ଦାସଙ୍କ 'ବର୍ଣ୍ଣବିଜ୍ଞାନ', ଚତୁର୍ଭୁଜ ପଟ୍ଟନାୟକଙ୍କ 'ବାଳ ବୋଧିନୀ' ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକଙ୍କ 'ବର୍ଣ୍ଣବିଜ୍ଞାନ', ଜଗନ୍ନାଥ ରାଓଙ୍କ 'ପ୍ରଥମପାଠ' ଓ ମଧୁସୂଦନ ରାଓଙ୍କ 'ବର୍ଣ୍ଣବୋଧ' ଇତ୍ୟାଦି । ଏଥିମଧ୍ୟରେ ମଧୁସୂଦନଙ୍କ ବର୍ଣ୍ଣବୋଧ ଥିଲା ସର୍ବଜନଗ୍ରାହ୍ୟ । ବର୍ଣ୍ଣବୋଧ ସର୍ବଜନ ପ୍ରିୟ ହେବାର ମୂଳ ତତ୍ତ୍ୱଟି ହେଉଛି ଶିଶୁ ମାନସିକତାକୁ ସୁହାଇଲା ଭଳି ସରଳ, ତରଳ ଭାଷା ଓ ଭାବର ସୁନ୍ଦର ସମନ୍ୱୟ ।

'ବର୍ଣ୍ଣବୋଧ' ଓଡ଼ିଆ ଭାଷା ଅସ୍ମିତାର ଓଁକାର । ସର୍ବଜନାଦୃତ ମାନକ ଓଡ଼ିଆ ଭାଷାର ଶ୍ରେଷ୍ଠ ସଂହିତା । ଓଡ଼ିଆ ବର୍ଣ୍ଣ, ମାତ୍ରା, ଯୁକ୍ତାକ୍ଷର, ବନାନ, ଉଚ୍ଚାରଣ ଓ ଶବ୍ଦ ଗଠନ ଆଦି କ୍ଷେତ୍ରରେ ତାହା ଶିକ୍ଷାର ଏକ ଅକ୍ଷୟ ପାତ୍ର । ଓଡ଼ିଆ ବର୍ଣ୍ଣ ପରିଚୟ ନିମନ୍ତେ ପ୍ରକାଶ ପାଇସାରିଛି କେତେ ନୂଆ ଧାରା ଓ ଅଧ୍ୟୟନ କୌଶଳ । ମାତ୍ର ଶିକ୍ଷାର୍ଥୀ ଶିକ୍ଷକ ଓ ଅଭିଭାବକ ମହଲରେ ବର୍ଣ୍ଣବୋଧ (୧୮୯୫) ହରାଇ ନାହିଁ ଶ୍ରେଷ୍ଠ ଓଡ଼ିଆ-ବର୍ଣ୍ଣ ପରିଚୟ ପୁସ୍ତକର ଆଦୃତି । ସମୟ ଥିଲା, ଓଡ଼ିଶାର ଗ୍ରାମେ ଗ୍ରାମେ ଶବ୍ଦର ବନାନ ଓ ପଣିକିଆକୁ ଉଚ୍ଚ ସ୍ୱରରେ ଉଚ୍ଚାରଣ କରୁଥିଲେ ବିଦ୍ୟାର୍ଥୀମାନେ । ଏବେ ପ୍ରାୟତଃ ବନ୍ଦ ହୋଇ ଯାଇଛି ସେ ପ୍ରକାର ଶିକ୍ଷାଦାନ ପଦ୍ଧତି । ବିଭିନ୍ନ ସମୟରେ ଓ ବିଭିନ୍ନ ଆଳରେ ବର୍ଣ୍ଣବୋଧକୁ ପାଠ୍ୟକ୍ରମରୁ ଦୂରେଇ ରଖିବା ପାଇଁ ଚକ୍ରାନ୍ତ ହୋଇଛି ସତ, କିନ୍ତୁ କେବେ ବି ହ୍ରାସ ପାଇନି ମଧୁ ବର୍ଣ୍ଣବୋଧର ମୁଦ୍ରଣ ଓ ବିକ୍ରୟ ପରିମାଣ ।

ଶିଶୁ ସାହିତ୍ୟର ପ୍ରାଣ ପ୍ରତିଷ୍ଠାତା ମଧୁସୂଦନ ଥିଲେ ଜଣେ ଅଭିଜ୍ଞ ଶିକ୍ଷକ,ଶିକ୍ଷା ପରିଦର୍ଶକ ଓ ଭାଷାବିତ୍ । ଉଭୟ ଭାଷା ଓ ଶିକ୍ଷା କ୍ଷେତ୍ରରେ ଥିଲା ତାଙ୍କର ଗଭୀର ଅନୁଭୂତି ଓ ଅନୁଶୀଳନ । ଜଣେ ବିଭୁପ୍ରାଣ ମଣିଷ ତଥା ଅମୃତ ଅଭୀପ୍ସାର କବି । ତାଙ୍କର ଆଧ୍ୟାତ୍ମିକତା, ଉଦାର ମାନବିକତା, ଭାଷାପ୍ରୀତି ଓ କବିତ୍ୱରୁ ଜନ୍ମ ନେଇଥିବା ବର୍ଣ୍ଣବୋଧ କେବଳ ଶିଶୁ ସାହିତ୍ୟର ଅମୂଲ୍ୟ ସମ୍ପଦ ନୁହେଁ, ଓଡ଼ିଆ ଜାତିର ଅକ୍ଷରବେଦ । ଏହା ଆମକୁ ନିର୍ଭୁଲ୍ ଉଚ୍ଚାରଣ ଶିଖାଏ ଓ ବତେଇ ଦିଏ ଅକ୍ଷରକୁ ନେଇ ଉପୁଜୁଥିବା ଅନେକ ପ୍ରଶ୍ନର ସହଜ ସମାଧାନ ।

ବର୍ଣ୍ଣବୋଧ ସରଳ ତରଳ ଭାଷା ଓ ଭାବ ଚପଳମତି ଶିଶୁ ମନରେ ଭାଷା ଶିକ୍ଷା ନିମନ୍ତେ ସୃଷ୍ଟି କରେ ଅଦମ୍ୟ ଆଗ୍ରହ ଓ କୌତୂହଳ । ପିଲାଟି ବଢୁଥିବା ପରିବେଶରୁ ତା'ର ପରିବାର ପରିଜନ ତଥା ପରଚିତ ଜୀବଜନ୍ତୁ ଓ ଉପକରଣକୁ ନେଇ ଏଥିରେ ଖଞ୍ଜା ଯାଇଛି ଅନେକ ଶବ୍ଦପୁଞ୍ଜ, ଯାହାର ସଜ୍ଜୀକରଣ କୌଶଳ ବର୍ଣ୍ଣ ଶିକ୍ଷା ପାଇଁ ଅତ୍ୟନ୍ତ ଉପାଦେୟ ଓ ଅନନ୍ୟ । ଜଣେ ଆଦର୍ଶ ଶିକ୍ଷକ ଭାବରେ ସେ ଜାଣିଥିଲେ ଶିଶୁ ଅମୃତର ସନ୍ତାନ ଓ ତା'ର ମନ କଞ୍ଚାମାଟି ସହିତ ସମାନ । ସେହି କୋମଳ ମନରେ ଆଧ୍ୟାତ୍ମିକ, ନୈତିକ ଓ ସାମାଜିକ ଶିକ୍ଷାର ବିକାଶ ନିମନ୍ତେ ସେ ବର୍ଣ୍ଣବୋଧରେ ସଂଯୋଜିତ କରିଛନ୍ତି 'ସୁନ୍ଦର ସଂସାର' ପରମେଶ୍ୱର, ସ୍ତବ, ପ୍ରଭାତ ଓ ସଂଧ୍ୟା ଆଦି କବିତା ।

ବର୍ଣ୍ଣବୋଧ ଶୁଦ୍ଧ ଓଡ଼ିଆ ବନାନ ଶିକ୍ଷା ଆହରଣର କେବଳ ପ୍ରଥମ ପାହାଚ ନୁହେଁ, ଓଡ଼ିଆ ବର୍ଣ୍ଣମାଳା, ଅକ୍ଷର ଶିକ୍ଷା, ମାତ୍ରା, ଫଳା, ଯୁକ୍ତାକ୍ଷର ଓ ପଣିକିଆ ଇତ୍ୟାଦି ଶିକ୍ଷାର ସର୍ବଶ୍ରେଷ୍ଠ ଆଧାର । ବିଶେଷ କରି ତା'ର ଶିକ୍ଷା ପ୍ରଣାଳୀ ଏତେ ବିଜ୍ଞାନସମ୍ମତ ଯେ, ବର୍ଣ୍ଣବୋଧ ପଢ଼ି ଆଗକୁ ବଢ଼ିଥିବା ପ୍ରତ୍ୟେକ ବ୍ୟକ୍ତି ପ୍ରାୟତଃ ବନାନ ଅଶୁଦ୍ଧି ସମସ୍ୟାରୁ ମୁକ୍ତ । ଶିଶୁ ତା'ର ଆଖପାଖରେ ଦେଖୁଥିବା ଯେଉଁସବୁ ବସ୍ତୁ ବା ଜୀବଜନ୍ତୁଙ୍କ ପ୍ରତି ଆଗ୍ରହ ପ୍ରକାଶ କରେ ସେଗୁଡ଼ିକୁ ଖୋଜିଆଣି କବି ବର୍ଣ୍ଣବୋଧରେ ସ୍ଥାନିତ କରିଛନ୍ତି ଅତି ଆକର୍ଷଣୀୟ ଢଙ୍ଗରେ । ଅକ୍ଷର ଶିକ୍ଷା ବର୍ଣ୍ଣବୋଧର ମୌଳିକ ଉଦ୍ଦେଶ୍ୟ ହେଲେ ମଧ୍ୟ ଏଥିରେ ଖୁବ୍ ଚମତ୍କାର ଶୈଳୀରେ ପ୍ରକୃତି ଚିତ୍ରଣ କରାଯାଇଛି, ଯଥା - 'ପଶ୍ଚିମ ଦିଗରେ ବୁଡ଼ଇ ରବି, ଆହାକି ସୁନ୍ଦର ଲୋହିତ ଛବି' । କେବଳ ସନ୍ଧ୍ୟା କିମ୍ବା ପ୍ରଭାତ ବର୍ଣ୍ଣନା ନୁହେଁ, ଗୀତରେ ଗୀତରେ ଛଅ ଋତୁ, ବାର ମାସର ବର୍ଣ୍ଣନା ତଥା ଦିନ, ବାର, ସପ୍ତାହ, ମାସ, ପକ୍ଷ,ଦିଗ, ଓ ସୂର୍ଯ୍ୟ ଚନ୍ଦ୍ର ଆଦି ସମ୍ପର୍କରେ ସୂଚନା ଶିଶୁ ଭାବନାକୁ ନେଇ ଯୋଡ଼ି ଦିଏ ଭୌତିକ ଜଗତ ସାଙ୍ଗରେ । ଚରିତ୍ର ଗଠନ ହିଁ ଶିକ୍ଷାର ମୂଳ ଉଦ୍ଦେଶ୍ୟ । ନୈତିକ ଶିକ୍ଷା ଉପରେ ଗୁରୁତ୍ୱ ଦେଇ ଭକ୍ତକବି ଶୁଣେଇଛନ୍ତି ଅନେକ ନୀତିବାଣୀ । ଦୃଷ୍ଟାନ୍ତ ସ୍ୱରୂପ - "କୁବାକ୍ୟ କେବେ ନକହିବ, ଆଳସ୍ୟ କେବେ ନକରିବ । ମିଥ୍ୟାକୁ ପାପ ବୋଲି ଜାଣି, କହିବ ସଦା ସତ୍ୟବାଣୀ ।" ସରଳ ଭାବୋଦ୍ଦୀପକ ଏବଂ ସଂଗୀତଧର୍ମୀ ଏହି କବିତାଗୁଡ଼ିକ ସାହାଯ୍ୟରେ ସର୍ବତ୍ର ଅଜାଡ଼ି ଦେଇଛନ୍ତି ପରମାତ୍ମା ପରମେଶ୍ୱରଙ୍କ ପ୍ରତି ଅଚଳାଚଳ ଭକ୍ତି । ପରମାତ୍ମାଙ୍କର ଏହି ଆଧ୍ୟାତ୍ମିକ ଭାବଧାରାକୁ ଶିଶୁର କୋମଳ ହୃଦୟରେ ଥାପି ଦେବା ପାଇଁ ବର୍ଣ୍ଣବୋଧରେ ଲେଖାଯାଇଛି - "ଯାହା ମୁଁ କରଇ, ଯାହା ମୁଁ କହଇ, ଯାହା ମୁଁ ଚିନ୍ତଇ ମନେ, ଜଗତର କର୍ତ୍ତା ପରମ-ଈଶ୍ୱର ଜାଣୁଛନ୍ତି ପ୍ରତି କ୍ଷଣେ ।"




ଓଡ଼ିଆ ଭାଷାକୁ ଆଧାର କରି ଗୋଟିଏ ସ୍ୱତନ୍ତ୍ର ରାଜ୍ୟ ପାଇଁ ଯେଉଁ ମହାଯଜ୍ଞ (୧୯୦୩) ଆରମ୍ଭ ହୋଇଥିଲା ବର୍ଣ୍ଣବୋଧ ଥିଲା ତା'ର ଆଦ୍ୟ ଓଁକାର । ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ନିମନ୍ତେ ଯେଉଁ ଦଲିଲ୍ ଦସ୍ତାବିଜ୍ ଦାଖଲ ହୋଇଥିଲା ମଧୁବର୍ଣ୍ଣବୋଧର ବର୍ଣ୍ଣମାଳା ଥିଲା ତା'ର ପ୍ରଧାନ ଅଙ୍ଗ । ଅତଏବ ବର୍ଣ୍ଣବୋଧ ଓଡ଼ିଆ ଭାଷାର ଅମୂଲ୍ୟ ସମ୍ପଦ ତଥା ଅକ୍ଷରବେଦ ।

ଅବସରପ୍ରାପ୍ତ ଅଧ୍ୟକ୍ଷ
ବିଜୁପଟ୍ଟନାୟକ ନଗର, ଭଦ୍ରକ
ଫୋନ୍ - ୬୩୭୧୬୪୨୪୬୪



ଡକ୍ଟର ଦେବାଶିଷ ମହାପାତ୍ର

# ଅଭିଲେଖରେ ଓଡ଼ିଆ ଲିପି ଓ ଭାଷାର ପ୍ରାଚୀନତା



ଓଡ଼ିଶାରେ ଉପଲବ୍ଧ ଅଭିଲେଖରେ ଓଡ଼ିଆ ଲିପି ଓ ଭାଷାର ପ୍ରାଚୀନତାର ପଦଚିହ୍ନ ରହିଛି। ଅଭିଲେଖ ସାଧାରଣତଃ ଦୁଇଭାଗରେ ବିଭକ୍ତ, ଯଥା- ଶିଳାଲେଖ ଓ ସନନ୍ଦ ବା ତାମ୍ରପତ୍ର। ଓଡ଼ିଶାରେ ମିଳିଥିବା ଅଭିଲେଖଗୁଡ଼ିକରେ ଆମ ଲିପି ଓ ଭାଷାର ପ୍ରାଚୀନତା ସ୍ପଷ୍ଟ। ଏହି ପ୍ରାଚୀନତା ଆଧାରରେ ଆମକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ମିଳିଛି। ଭାରତରେ ୬ଟି ପ୍ରାଚୀନ ଭାଷାକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ମିଳିଛି। ୨୦୦୪ରେ ପ୍ରଥମ ଶାସ୍ତ୍ରୀୟ ଭାଷା ଭାବେ ତାମିଲ, ୨୦୦୫ରେ ସଂସ୍କୃତ, ୨୦୦୮ରେ କନ୍ନଡ଼ ଓ ତେଲୁଗୁ ଏବଂ ୨୦୧୩ରେ ମାଲାୟାଲମ୍ ଶାସ୍ତ୍ରୀୟ ଭାଷାର ଗୌରବ ପାଇଥିବାବେଳେ ୨୦୧୪ରେ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ମିଳିଥିଲା। ସେହିଭଳି ପୋଥିରେ ଆମ ଭାଷାର ସ୍ୱାକ୍ଷର, ପଥରରେ ଆମ ଭାଷାର ଅକ୍ଷର। ଆଦିକବି ସାରଳା ଦାସ ଓଡ଼ିଆ ମହାଭାରତ ମଧ୍ୟପର୍ବରେ ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ ତାଙ୍କ ଗୁରୁ ସନ୍ଦିପନୀଙ୍କ ଠାରୁ ୬୪ଟି ଭାଷା ଶିକ୍ଷା କରିଥିଲେ ବୋଲି ଉଲ୍ଲେଖ କରିଛନ୍ତି- ଓଡ଼ିଆ ତେଲଙ୍ଗା ଆଉ ନାଗରୀ ଦକ୍ଷିଣୀ/ କନାଉଜ ଦ୍ରାବିଡ଼ ଯେ ଆଦି ଭାଷା ଘେନି / ଏହିପରି ଲେଖିଲେ ଯେ ଭାଷା ଚଉଷଠି / ନବଦିନେ ଲେଖିଲେ ଯେ ତାଳପତ୍ର ଚିଠି। ସେହିଭଳି ଲଳିତବିସ୍ତରରେ ବୁଦ୍ଧଦେବ ୬୪ଟି ଲିପି ଜାଣିଥିଲେ ବୋଲି ଉଲ୍ଲେଖ ଅଛି, ଯେଉଁଥିରେ ପ୍ରାଚୀନ ଓଡ଼ିଆ ଉଗ୍ର ବା ଉଡ୍ର ଲିପି ଅନ୍ୟତମ। ଏହିସବୁ ପ୍ରାଚୀନତା ଆଧାରରେ ଆମ ଓଡ଼ିଆ ଭାଷାକୁ ମିଳିଛି ଶାସ୍ତ୍ରୀୟ ଭାଷାର ମାନ୍ୟତା। ତାମ୍ରପତ୍ର, ସନନ୍ଦ, ପାହାଡ଼ ଗୁମ୍ଫା, ମନ୍ଦିର କାନ୍ଥ, ସ୍ତମ୍ଭ, ଶିଳାଲେଖରେ ଆମ ଲିପି, ଆମ ଭାଷାର କ୍ରମବିକାଶ





ଦେଖିଲେ ଆମେ ଯେ ଏତେ ହଜାର ବର୍ଷର ପୁରୁଣା ଲିପି ଓ ଭାଷାର ଦାୟାଦ ସେକଥା ଉପଲବ୍ଧି କରୁ। ମାଧବ ବର୍ମାଙ୍କ ସନନ୍ଦ ହେଉ କି ଉର୍ଜାମ ଶିଳାଲେଖ, ଶ୍ରୀଜଙ୍ଗ ଶିଳାଲେଖ ହେଉ କି ଜୟବିଜୟ ଶିଳାଲେଖ ସବୁଠି ଆମ ଭାଷାର ପ୍ରାଚୀନତାର ପ୍ରମାଣ ରହିଛି। ଅନଙ୍ଗ ଭୀମଦେବ ତୃତୀୟ, ଚନ୍ଦ୍ରିକା ଦେବୀ, ଅଚ୍ୟୁତ ବଳିୟାର ସିଂହ, ନରସିଂହ ଦେବ, ମାଧବ ବର୍ମା, ଶିବରାଜ, ପୁରୁଷୋତ୍ତମ ଦେବ, କପିଳେଶ୍ୱର ଦେବ, ଶ୍ରୀ ବିଚିତ୍ର ଭାନୁଦେବ, ଶୁଭକର ଦେବ, ଖାରବେଳ, ଅଶୋକଙ୍କ ସମୟର ଯେତେସବୁ ଅଭିଲେଖ ଆମ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆବିଷ୍କୃତ ହୋଇଛି, ସେସବୁର ପାଠୋଦ୍ଧାର ହୋଇଛି ସତରେ ଖୁବ୍ ଉତ୍ସାହପ୍ରଦ। ଏକାଦଶ ଶତାବ୍ଦୀର ଗଣ୍ଡିବେଡ଼ ଅଭିଲେଖ, ଦଶମ ଶତାବ୍ଦୀର ମହାରାଜା ଉଦୟଖେଡ଼ିଙ୍କ ଗଞ୍ଜାମ ସନନ୍ଦ, ୧୦୨୩ ରୁ ୧୦୩୦ ମଧ୍ୟରେ ଲିଖିତ ସୋମବଂଶୀ ଇନ୍ଦ୍ରନାଥଙ୍କ ବାଣପୁର ତାମ୍ରପଟା ଓ ଗଙ୍ଗବଂଶ ଶାସନକାଳୀନ ଅଭିଲେଖ ଆମକୁ ଅନେକ କଥା କହେ। ସତ୍ୟନାରାୟଣ ରାଜଗୁରୁ, ପରମାନନ୍ଦ ଆଚାର୍ଯ୍ୟ, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, କେଦାରନାଥ ମହାପାତ୍ର, କୁଞ୍ଜବିହାରୀ ତ୍ରିପାଠୀ, ମନମୋହନ ଚକ୍ରବର୍ତ୍ତୀ, ଦୀନେଶ ଚନ୍ଦ୍ର ସରକାର, ସ୍ନିଗ୍ଧା ତ୍ରିପାଠୀ ପ୍ରମୁଖ ବହୁ ଐତିହାସିକ, ପ୍ରତ୍ନତତ୍ତ୍ୱବିତ୍ ଆମ ଲିପି ଓ ଭାଷାର କ୍ରମବିକାଶ କଥା ଖୁବ୍ ସୁନ୍ଦର ଭାବେ ବିଶ୍ଳେଷଣ କରି ଏଯାବତ୍ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ମିଳିଥିବା ଅଭିଲେଖଗୁଡ଼ିକର ଅନୁଶୀଳନ କରିଛନ୍ତି। ଆମ ଅଭିଲେଖରେ ଆମ ଭାଷାର ପ୍ରାଚୀନତା ସ୍ପଷ୍ଟ। ପ୍ରତ୍ନ ଓଡ଼ିଆଠୁ ଆଧୁନିକ ଓଡ଼ିଆ ପର୍ଯ୍ୟନ୍ତ ଆମ ଭାଷାର ଗତିଶୀଳତା ଗବେଷକମାନଙ୍କୁ ଉତ୍ସାହିତ କରିଆସିଛି। ଅଭିଲେଖର ଭାଷାକୁ ଅନୁଶୀଳନ କଲେ ଏହା ପ୍ରାଚୀନ, ସମୃଦ୍ଧ, ସ୍ୱତନ୍ତ୍ର ଭାଷା ଭାବେ ପ୍ରତିଷ୍ଠିତ ଆମ ଓଡ଼ିଆ ଭାଷାର ମହକ ଓ ମିଠାପଣକୁ ଆମ ଆଗରେ ଉପସ୍ଥାପନ କରିବା ଭଳି ଅନୁଭବ ହୁଏ। ପୋଥି, ପଥର, ପ୍ରତ୍ନତତ୍ତ୍ୱରେ ସାଇତା ସମ୍ପଦ, ଆମ ଓଡ଼ିଆ ଭାଷା। ଭାରତର ଷଷ୍ଠ ଶାସ୍ତ୍ରୀୟ ଭାଷା, ଅଭିଲେଖର ଅଲିଭା ଅକ୍ଷରରେ ଆମ ଭାଷାର ପ୍ରାଚୀନତାର ପ୍ରମାଣ ଖୋଦିତ ହୋଇରହିଛି। ଓଡ଼ିଆ ଭାଷାରେ ଆବିଷ୍କୃତ ଶିଳାଲେଖ, ସନନ୍ଦରେ ସାଇତି ହୋଇ ରହିଥିବା ବର୍ଣ୍ଣ ଓ ଶବ୍ଦ ଦେଖିଲେ ବିସ୍ମିତ ହେବାକୁ ହୁଏ। ଏତେ ପ୍ରାଚୀନ, ଏଭଳି ସମୃଦ୍ଧ ଭାଷା କିଭଳି କ୍ରମାନ୍ୱୟରେ କ୍ରମବିକଶିତ ହୋଇଛି ତାହା ବାସ୍ତବିକ ଅବର୍ଣ୍ଣନୀୟ। ଅନେକ ଶିଳାଲେଖ, ଆମ ଲିପି ଓ ଭାଷାର ଅନ୍ୟ ସ୍ୱାକ୍ଷର। ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀର ଅଶୋକଙ୍କ ଧଉଳି ଓ ଜଉଗଡ଼ ଶିଳାଲେଖଠାରୁ ଆରମ୍ଭ କରି ଖ୍ରୀଷ୍ଟାବ୍ଦ ୧୦୫୧ ର ପ୍ରଥମ ପୂର୍ଣ୍ଣାଙ୍ଗ ଓଡ଼ିଆ ଶିଳାଲେଖ ଉର୍ଜାମ ପର୍ଯ୍ୟନ୍ତ ଅନୁଶୀଳନ କଲେ ବ୍ରାହ୍ମୀଲିପିରୁ ଓଡ଼ିଆ ଲିପିର କ୍ରମବିକାଶ ସହ ଭାଷାର ପ୍ରବାହ ଓ ଗତିଶୀଳତାକୁ ଲକ୍ଷ୍ୟ କରାଯାଇପାରେ। ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀର ଖାରବେଳଙ୍କ ଉଦୟଗିରି ହାତୀଗୁମ୍ଫା ଅଭିଲେଖ, ଖ୍ରୀଷ୍ଟାବ୍ଦ ତୃତୀୟ ଶତାବ୍ଦୀର ରଣଭଦ୍ରଙ୍କ ଅଭିଲେଖ, ଖ୍ରୀଷ୍ଟାବ୍ଦ ୫୭୦ରେ ଶୈଳୋଦ୍ଭବ ବଂଶୀୟ ଧର୍ମରାଜଙ୍କ ସୁମଣ୍ଡଳ ତାମ୍ରଶାସନ, ଖ୍ରୀଷ୍ଟାବ୍ଦ ୬ ଶହର ଭୋଜବିଗ୍ରହଙ୍କ କଣାସ ତାମ୍ର ଶାସନ, ଖ୍ରୀଷ୍ଟାବ୍ଦ ୬୦୨ର ଶବରାଜଙ୍କ ପଟିଆ କିଲ୍ଲା ତାମ୍ରଶାସନ, ଖ୍ରୀଷ୍ଟାବ୍ଦ ୬୨୦ର ମାଧବବର୍ମାଙ୍କ ଗଞ୍ଜାମ ତାମ୍ରଶାସନ, ଖ୍ରୀଷ୍ଟାବ୍ଦ ୧୦୫୧ର ଉରଜାମ ଅଭିଲେଖ ଖ୍ରୀଷ୍ଟାବ୍ଦ ୧୨୬୧ର ଭୁବନେଶ୍ୱର ଦ୍ୱିଭାଷିକ ଅଭିଲେଖ, ଖ୍ରୀଷ୍ଟାବ୍ଦ ୧୪୦୩ର ଶ୍ରୀକୂର୍ମେଶ୍ୱର ଅଭିଲେଖ ସମେତ ବାଲେଶ୍ୱର ଜିଲ୍ଲା ସୋର ଅନ୍ତର୍ଗତ ଗଣ୍ଡିବେଡ଼ ଗ୍ରାମରୁ ମିଳିଥିବା ଗୋଟିଏ ଜୈନ ମୂର୍ତ୍ତିର ପାଦତଳେ ଖୋଦିତ ଓଡ଼ିଆ ପଦ୍ୟ - "ଦେବ





କହି ଭଗତି କରୁଣ, ଅଛନ୍ତି ଭୋ କୁମାର ସେଣ।" ଏସବୁରେ ରହିଛି ଆମ ଭାଷା, ଆମ ଲିପିର ଆଦ୍ୟ ପରିଚୟ। ଆମେ ଆମ ଅଭିଲେଖଗୁଡ଼ିକର ଭାଷାତାତ୍ତ୍ୱିକ ଅଧ୍ୟୟନ କଲେ ବିସ୍ମିତ ହେବାକୁ ହୁଏ ଯେ, ଆମ ବର୍ଣ୍ଣମାଳାର ଅଣଚାଶଟି ବର୍ଣ୍ଣ ଅଧିକାଂଶ ଅଭିଲେଖରେ ଖୋଦିତ। ଖାଲି ସେତିକି ନୁହେଁ, ଓଡ଼ିଆ ବିଭକ୍ତିର ଚିହ୍ନ ମଧ ଏସବୁଥିରେ ସ୍ପଷ୍ଟ। ଅବଶ୍ୟ ଇ, ଈ, ଉ, ଊ, ସ, ଶ, ଷ ଏଭଳି ସ୍ୱାତନ୍ତ୍ର୍ୟର ବ୍ୟବହାର ନ ହୋଇ ଏହାକୁ ସ୍ୱାଭାବିକ ଭାବେ ଲେଖାଯାଇଥିବା ଦେଖାଯାଏ। ପ୍ରାଚୀନ ଅଭିଲେଖଗୁଡ଼ିକରେ ପାଲି, ପ୍ରାକୃତ ଶବ୍ଦାବଳୀର ବହୁଳ ବ୍ୟବହାର ବି ଗୋଟିଏ, ବଡ଼ ବୈଶିଷ୍ଟ୍ୟ। ଖ୍ରୀଷ୍ଟାବ୍ଦ ତୃତୀୟ ଶତାବ୍ଦୀର ମହାରାଜା ରଣଭଦ୍ରଙ୍କ ଖୋଦିତ ଭଦ୍ରକ ଅନ୍ତର୍ଗତ ଭଦ୍ରକାଳୀ ଶିଳାଲେଖର ଦୃଷ୍ଟାନ୍ତ ଦିଆଯାଉ - ଅଗି (ଅଗ୍ନି), ଆୟ୍ୟ (ଆର୍ଯ୍ୟ), ବାପ (ବ୍ୟାପକ), ସିରି (ଶ୍ରୀ) ଇତ୍ୟାଦି। ଆମେ ୧୩୯୪ ଖ୍ରୀଷ୍ଟାବ୍ଦର ଶଙ୍କରାନନ୍ଦ ମଠ ତାମ୍ର ଶାସନକୁ ଅନୁଶୀଳନ କଲାବେଳ ଭିତର, ଭୂମି, ଶଏ ବାଟ, ଦିନ, ଏକାଦଶୀ, ଆଉ, କୋଠ, ଭାଗ, ତିନିସ, ବାଇସି, କଳା, ମଠ, ମାତ୍ରା ଆଦି ବହୁ ଓଡ଼ିଆ ଶବ୍ଦ



ଦେଖୁ। ଯାହା ଆଲୋଚନା କରୁଥିଲେ, ଶ, ଷ, ସ ଅଲଗା ନ ହୋଇ ଅନେକ ସମୟରେ ଏକ ଭାବେ ବ୍ୟବହାର ହୋଇଛି। ଏଇ ଯେମିତି ଶଙ୍କରାନନ୍ଦ ମଠ ତାମ୍ରଶାସନର ଶଏ (ଶହେ), ତିନିସ (ତିନିଶହ), ବାଇସି (ବାଇଶି) ଇତ୍ୟାଦି। କୌତୂହଳର କଥା, ଏହି ତାମ୍ରଶାସନରେ ଆଉ ଠାଏ ସଏ (ଶହେ) ଲେଖାଯାଇଛି। ୧୨୭୮ ଖ୍ରୀଷ୍ଟାବ୍ଦର ଅନନ୍ତ ବାସୁଦେବ ମନ୍ଦିର ଶିଳାଲେଖ, ଭୁବନେଶ୍ୱରରେ ସମୁଦାୟ ୨୩ଟି ସଂସ୍କୃତ ଶ୍ଳୋକ ଥିବା କଥା ପାଠୋଦ୍ଧାରରୁ ଜଣାଯାଏ। ତେବେ ଏଥିରେ ତରତର, ସଙ୍ଗରେ, ଧୁନି, ଲୋକ, କଳ, ମାଳ, କଣିକା, ପାତାଳ ପ୍ରଭୃତି ଓଡ଼ିଆ ଶବ୍ଦ ରହିଥିବା ବି ଦେଖାଯାଏ। ଅଭିଲେଖର ଆଲୋଚନାବେଳେ ଭୁବନେଶ୍ୱରର ଉଦୟଗିରିରେ ଥିବା ଖାରବେଳଙ୍କ ହାତୀଗୁମ୍ଫା ପ୍ରଶସ୍ତି, ଯାହା ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀ ସମୟର ସେହି ଶିଳାଲେଖରୁ ଉଦ୍ଧାର ହୋଇଥିବା ପ୍ରତ୍ନ ଓଡ଼ିଆ ଶବ୍ଦାବଳୀରୁ କିଛି ଶବ୍ଦ ଉଦ୍ଧାର କରିବା ଉଚିତ ମନେହୁଏ- ସିରି (ଶ୍ରୀ), ପନ୍ଦରସ (ପନ୍ଦର), ଲଖନେନ (ଲକ୍ଷଣ), ଯୋବରାଜ (ଯୁବରାଜ), ପଛିମ (ପଶ୍ଚିମ), ବହୁଳଂ (ବହୁତ), ଅଠମେ (ଅଷ୍ଟମେ), ତପସି (ତପସ୍ୱୀ), ଅଠତିସାୟ (ଅଠତିରିଶ), ପବତେ (ପର୍ବତେ) ଆଦି ଶବ୍ଦ ସହ ସୁଭ (ଲାଭ), ସିତଳ (ଶୀତଳ), ଗଜ, ନର, ବାଟ, ବିଧି, ହିତ, କର, ବଣ, ବାହନ, ଘର, ଜୟ, ନଗରି (ନଗରୀ), ଦେହ, କାଳ, କୁଳ, ବଳ ଆଦି ଶବ୍ଦର ବ୍ୟବହାର ହୋଇଥିବା ଦେଖାଯାଏ। ବ୍ରାହ୍ମଣ ଶବ୍ଦ ପାଇଁ ଏହି ଶିଳାଲେଖରେ ଦମ୍ଭଶାନଂ, କୁଶଳ ପାଇଁ କୁସଲୋ, ପ୍ରବେଶ ପାଇଁ ପବେସ, ପୋଖରୀ ପାଇଁ ତଡ଼ାଗ, ନିବାସ ପାଇଁ ନିବେସିତଂ ଶବ୍ଦର ବ୍ୟବହାର ହୋଇଥିବା କଥା ଲିପିତତ୍ତ୍ୱବିତ୍ ଓ ଐତିହାସିକଗଣ ମତ ଦିଅନ୍ତି। ଖାରବେଳଙ୍କ ଖଣ୍ଡଗିରି-ଉଦୟଗିରିର ହାତୀଗୁମ୍ଫା ଶିଳାଲେଖ ଭଳି ଅଶୋକଙ୍କ ଧଉଳି-ଜଉଗଡ଼ ଶିଳାଲେଖ ପ୍ରସିଦ୍ଧ। ଆମ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ଦେବାରେ ଏହି ତିନୋଟି ଶିଳାଲେଖ ପ୍ରମାଣିକ ନମୁନା। ଆମ ଲିପିର ପ୍ରାଚୀନତା ଏସବୁରେ ଖୋଦିତ। ପ୍ରାଚୀନତାର ପ୍ରମାଣ ପ୍ରଦର୍ଶନ କରୁଥିବା ଅଶୋକଙ୍କ ଧଉଳି-ଜଉଗଡ଼ ଶିଳାଲେଖରେ ଆଖି, ଇସା, କଳେ, କିଟ, ତିନି, ଦୁବେ, ହସ, ନିଲଠା, ପୁଠିବି, ପଟିକା, ବୁଢ଼, ବାମନ, ମନିସ, ମାଝି, ମହାମାତର ବ୍ୟବହାର ଦେଖାଯାଏ। ଏ ପର୍ଯ୍ୟନ୍ତ ଆମ ରାଜ୍ୟରେ ୧୦୫୧ ଖ୍ରୀ.ଅ. ଉରଜାମ ଶିଳାଲେଖଠାରୁ ୧୫୬୮ ଖ୍ରୀ.ଅ. ଶ୍ରୀମନ୍ଦିର ଜୟବିଜୟ ଶିଳାଲେଖ ପର୍ଯ୍ୟନ୍ତ ସମୁଦାୟ ଅଶୀଟି ଶିଳାଲେଖର ପାଠୋଦ୍ଧାର ହୋଇପାରିଛି।

ଆମ ଅଭିଲେଖର ଭାଷା କଥା ବିଚାର କଲାବେଳେ କେତୋଟି ନିର୍ଦ୍ଦିଷ୍ଟ ଶିଳାଲେଖର ସମୟ, ବୈଶିଷ୍ଟ୍ୟ ବିଷୟ ଉପରେ ସାମାନ୍ୟ ଆଲୋକପାତ କରିବା - (୧) ଭୁବନେଶ୍ୱର ଶ୍ରୀ ଲିଙ୍ଗରାଜ ମନ୍ଦିର କାନ୍ଥରେ ୨୮ ଘ ୧୯' ପରିମିତ ସ୍ଥାନରେ ନଅ ଧାଡ଼ିରେ ଲେଖାଥିବା କଥାର ପାଠୋଦ୍ଧାର ହୋଇଛି। ଏ ବିଷୟରେ ଭାରତବର୍ଷର ବିଖ୍ୟାତ ଲିପିତତ୍ତ୍ୱବିତ୍ ଦୀନେଶ ଚନ୍ଦ୍ର ସରଙ୍ଗର ଇଂରାଜୀରେ ଓ ପ୍ରଖ୍ୟାତ ପ୍ରତ୍ନତତ୍ତ୍ୱବିତ୍ କେଦାରନାଥ ମହାପାତ୍ର, ଓଡ଼ିଆରେ ଆଲୋଚନା କରିଛନ୍ତି। ଶିଳାଲେଖଟିର ଭାଷା ସଂସ୍କୃତ, ଲିପି ନାଗରୀ ଓ ଏହା ବୈଶାଖ ମାସ କୃଷ୍ଣପକ୍ଷ ପ୍ରଥମ ଦିନ, ବୁଧବାରରେ ଲିଖିତ ଅନନ୍ତ ବର୍ମନ ଚୋଡ଼ଗଙ୍ଗଙ୍କ ଶାସନକାଳୀନ ଶିଳାଲେଖ, (୨) ଗୋପୀନାଥପୁର ଶିଳାଲେଖ, ଯାହାକି ପୁରୁଣା ଜଗନ୍ନାଥ ସଡ଼କରେ ଥିବା ଗୋପୀନାଥପୁର ଜଗନ୍ନାଥ ମନ୍ଦିର କାନ୍ଥରେ ଲେଖାଥିବା ସମୁଦାୟ ୩୦ ଧାଡ଼ି ବିଶିଷ୍ଟ ଲେଖା, ଯାହାର ଲିପି ପ୍ରତ୍ନ ଓଡ଼ିଆ ଓ ଭାଷା ସଂସ୍କୃତ। ଏହା ଗଜପତି କପିଳେଶ୍ୱର ଦେବଙ୍କ ସମୟର ଶିଳାଲିପି। ଏ ବିଷୟରେ ବାଗ୍ମୀ ବିଶ୍ୱନାଥ କର, 'ଉତ୍କଳ ସାହିତ୍ୟ'ର ସଂଖ୍ୟା ୯, ଭାଗ ୩ (ଆଶ୍ୱିନ, ୧୩୦୭ ସାଲ) ରେ 'ଗୋପୀନାଥପୁରର ଶିଳାଲିପି' ଲେଖାରେ ଆଲୋଚନା କରିଛନ୍ତି।



(୩) ଶ୍ରୀଜଙ୍ଗ ଶିଳାଲେଖ, ଯାହା ଅଧୁନା ରାଜ୍ୟ ସଂଗ୍ରହାଳୟରେ ସଂରକ୍ଷିତ, ଏହାର ଭାଷା ଓ ଲିପି ଓଡ଼ିଆ, ୫୨ ଗ ୧୧' ପରିମିତ ସ୍ଥାନରେ ସମୁଦାୟ ୪୧ଟି ଧାଡ଼ି ଲେଖାଯାଇଛି। ଏହା ଗଜପତି ରାମଚନ୍ଦ୍ରଦେବଙ୍କ ଶାସନକାଳୀନ ଶିଳାଲେଖ। ଏ ବିଷୟରେ ବିଦେଶୀ ବିଦ୍ୱାନ୍ ଜନ୍ ବୀମ୍ସ ଓ ଭାରତବର୍ଷର ବିଖ୍ୟାତ ଲିପିତତ୍ତ୍ୱବିତ୍ ପଦ୍ମଶ୍ରୀ ସତ୍ୟନାରାୟଣ ରାଜଗୁରୁ ଆଲୋଚନା କରିଛନ୍ତି। (୪) ମଧୁକେଶ୍ୱର ମନ୍ଦିର ଶିଳାଲେଖ, ମୁଖଲିଙ୍ଗମ୍‌ରେ ସମୁଦାୟ ୧୨ ଧାଡ଼ିର ଲେଖା, ଯାହାର ଲିପି ଓ ଭାଷା ତେଲୁଗୁ। ଶକାବ୍ଦ ୧୦୦୪ ର ଏହି ଶିଳାଲେଖ ଅନନ୍ତବର୍ମନ୍ ଚୋଡ଼ଗଙ୍ଗ ଦେବଙ୍କ ଶାସନକାଳୀନ ଶିଳାଲେଖ। (୫) ଶକାବ୍ଦ ୧୧୮୨ର ସିହାଚଳମସ୍ଥିତ ଲକ୍ଷ୍ମୀ ନରସିଂହ ସ୍ୱାମୀ ମନ୍ଦିର ଶିଳାଲେଖଟି ଦ୍ୱିଭାଷୀ। ଏଥିରେ ସଂସ୍କୃତ ଓ ତେଲୁଗୁ ଭାଷାର ବ୍ୟବହାର ହୋଇଛି। ତେବେ ଏହାର ଲିପି ତେଲୁଗୁ। ସମୁଦାୟ ୨୮ଟି ଧାଡ଼ିଥିବା ଏହି ଲେଖାଟି କୁମ୍ଭ (ଫାଲଗୁନ) କୃଷ୍ଣପକ୍ଷ ତୃତୀୟ ଦିନ, ଶୁକ୍ରବାରରେ ଲେଖା ହୋଇଥିଲା। ଏମିତି ଅନେକ ଶିଳାଲେଖ ଓ ସନନ୍ଦରେ ଆମ ଭାଷା, ଲିପିର ପ୍ରାଚୀନତାର ପ୍ରମାଣ ରହିଥିବା କଥା ଆମେ ଉଭୟ ଇଂରାଜୀ ଓ ଓଡ଼ିଆ ଭାଷାରେ ଲେଖାଥିବା ଅସଂଖ୍ୟ ଲେଖା ସହ ପାଠ ଉଦ୍ଧାର ହୋଇ ଆଲୋଚନା ହୋଇଥିବା ଗବେଷଣାମୂଳକ ରଚନା ଗୁଡ଼ିକରେ ମଧ ସ୍ପଷ୍ଟ ସୂଚନା ରହିଛି। ଦେଶୀ ଓ ବିଦେଶୀ ବିଦ୍ୱାନ୍‌ମାନଙ୍କର ଏ ସମ୍ବନ୍ଧରେ ଗବେଷଣା ବିସ୍ମୟକର। ଦେଶର ବହୁ ବିଦ୍ୱାନ୍, ଲିପିତତ୍ତ୍ୱବିତ୍ ଏହିସବୁ ଶିଳାଲେଖ ଉପରେ ମତମନ୍ତବ୍ୟ ଦେଇଛନ୍ତି। ଓଡ଼ିଶାର ବିଶିଷ୍ଟ ଗବେଷକ ଡକ୍ଟର ବେଣୀ ମାଧବ ପାଢ଼ୀ ତାଙ୍କର ପ୍ରସିଦ୍ଧ ପୁସ୍ତକ 'ଓଡ଼ିଶାର ସାହିତ୍ୟ, ସଂସ୍କୃତି ଓ ଧର୍ମଧାରା'ରେ ଯଥାର୍ଥରେ ଉଲ୍ଲେଖ କରିଛନ୍ତି ଯେ, "ଜନସାଧାରଣଙ୍କ ଗୋଚରାର୍ଥେ ଲିଖିତ ରାଜାଦେଶ ଓ ସରକାରୀ ଇସ୍ତାହାର ଦେଶୀୟ ଭାଷାରେ ଲେଖାହେବା ଯୁକ୍ତିସଙ୍ଗତ। ନଚେତ୍ ଅନୁଶାସନର ଅର୍ଥ ବୁଝି ରାଜାଦେଶ ପାଳନ କରିବାରେ ସେମାନେ ସମର୍ଥ ହୋଇନଥାନ୍ତେ। ଅଶୋକଙ୍କ ଏକାଧିକ ଶିଳାଲିପି ଭାରତର ବିଭିନ୍ନ ପ୍ରାନ୍ତରରେ ଅବସ୍ଥାପିତ ହୋଇଥିଲା ଏବଂ ପ୍ରତ୍ୟେକର ଭାଷାରେ ବିଭିନ୍ନତା ପରିଲକ୍ଷିତ ହୁଏ। ଆଞ୍ଚଳିକ ବୈଷମ୍ୟ ନେଇ ଧଉଳି ଓ ଜଉଗଡ଼ର ଶିଳାଲିପି ଅଶୋକଙ୍କ କାଳରେ ପ୍ରଚଳିତ ଥିବା ଓଡ୍ରମାଗଧୀର ପରିଚୟ ପ୍ରଦାନ କରେ।" (ପୃଷ୍ଠା-୬) ଆମ ଅଭିଲେଖର ଅନୁଶୀଳନ ବେଳେ ବହୁ ବୈଶିଷ୍ଟ୍ୟ ନଜରକୁ ଆସିଥାଏ। ଯେମିତିକି ଅଧିକାଂଶ ଶିଳାଲେଖରେ 'ଅଙ୍କ' ଦେଖିବାକୁ ମିଳେ, କେତେକ ଶିଳାଲେଖରେ 'ଶକାବ୍ଦ'ର ସୂଚନା ରହିଛି। କର୍ତ୍ତୃବାଚ୍ୟରେ ପ୍ରଥମା ବିଭକ୍ତିରେ ବହୁବଚନ ଭାବେ ମାନେ, ମାନଯାକ ଆଦି ବ୍ୟବହାର ହୋଇଥିବାବେଳେ ସମ୍ମାନାର୍ଥେ ଏ' ମଧ ଏକବଚନରେ ବ୍ୟବହାର କରାଯାଇଛି - କପିଳେଶ୍ୱର ରାଜାଏ ଦିଲେ। ସେମିତି କର୍ମକାରକରେ - କୁ, ନ୍ତି, ସମ୍ପ୍ରଦାନକାରକରେ କୁ, କି, କଇ, କୈ, କେ, ଙ୍କୁ, ଙ୍କୀ, ଙ୍କର, କରଣକାରକରେ- ଏଁ, ଏ, ଅପାଦାନକାରକରେ ତହୁଁ, ହୁଁ, ଉ, ଉଁ, ଠୋ, ରୁ, ରୁ ଠାରୁ, ଷଷ୍ଠୀ ବିଭକ୍ତିରେ - ସ, ର, କୋ, ଙ୍କ, ଙ୍କର, ଙ୍କରି, ମାନର, ମାନଙ୍କର, ଅଧିକରଣକାରକରେ - ଏ, ଏଁ, ରେ, ମାନଙ୍କରେ ଓ ସମ୍ବୋଧନ ପଦରେ ଭୋ ବ୍ୟବହାର ଦେଖାଯାଏ। ଆମ ଅଭିଲେଖଗୁଡ଼ିକରେ 'କୁ' ଅପେକ୍ଷା କୈ ବା କଇ'ର ବ୍ୟବହାର ହୋଇଥିବା ଲକ୍ଷ୍ୟ କରାଯାଏ। ଭାରତର ପ୍ରଖ୍ୟାତ





ଲିପିତତ୍ତ୍ୱବିତ୍ ଦୀନେଶ ଚନ୍ଦ୍ର ସରକାର, ପ୍ରଖ୍ୟାତ ପ୍ରତ୍ନତତ୍ତ୍ୱବିତ୍ କେଦାରନାଥ ମହାପାତ୍ର, ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟ, ପଦ୍ମଶ୍ରୀ ସତ୍ୟନାରାୟଣ ରାଜଗୁରୁ, ଡକ୍ଟର କୁଞ୍ଜବିହାରୀ ତ୍ରିପାଠୀ ପ୍ରମୁଖ ବହୁ ବିଦ୍ୱାନ୍ ଓଡ଼ିଆ ଅଭିଲେଖର ଭାଷା ବିଷୟରେ ଆଲୋଚନା କରି ଏହାର କ୍ରମବିକାଶ କଥା ସଦୃଷ୍ଟାନ୍ତ ବୁଝାଇଛନ୍ତି।

ଗଞ୍ଜାମ, ଜଉଗଡ଼ର ୫୬୯-୭୦ର ଧର୍ମରାଜ ତାମ୍ରପତ୍ର, ବାଲେଶ୍ୱର, ସୋରର ଶାମଭୂଷଣ ତାମ୍ରପତ୍ର (ଆନୁମାନିକ ସମୟ ୫୭୯-୮୦), ପୁରୀ, କଣାସର ୫୯୯ର ଭୋଜବିଗ୍ରହ ତାମ୍ରପତ୍ର, ଗଞ୍ଜାମର ୬୧୯-୨୦ ର ମହାସାମନ୍ତ ମାଧବରାଜ ତାମ୍ରପତ୍ର ସମେତ ୧୦୫୧ ରୁ ୧୫୬୮ ଖ୍ରୀଷ୍ଟାବ୍ଦ ମଧ୍ୟରେ ଗଙ୍ଗବଂଶ ଶାସନକାଳୀନ ୧୮ ଓ ସୂର୍ଯ୍ୟବଂଶ ଶାସନକାଳୀନ ୫୦ ଶିଳାଲେଖରେ ଆମ ଭାଷାର କ୍ରମବିକାଶ ତଥା ଲିପି ଓ ଭାଷାର ଏହି ଉନ୍ମେଷ ଓ ବିକାଶ ଦେଖିଲେ ବିସ୍ମିତ ହେବାକୁ ହୁଏ। ଓଡ଼ିଆ ଅଭିଲେଖରେ ବ୍ୟବହାର ହୋଇଥିବା 'ପଛ' ଗୋଟିଏ ଦୃଷ୍ଟାନ୍ତ, ଯାହାକି ଉଭୟ ପଛପଟ ଓ ପରେ, ଉଭୟ ଅର୍ଥରେ ବ୍ୟବହାର ହୋଇଛି। ଗଙ୍ଗବଂଶୀ ପଞ୍ଚମ ବଜ୍ରହସ୍ତଦେବ, ୧୦୭୦ ଖ୍ରୀଷ୍ଟାବ୍ଦରେ ମୁଖଲିଙ୍ଗ ଶିବମନ୍ଦିରରେ ଖୋଦିତ କରିଥିବା ଏକ ତ୍ରିଭାଷୀ ଶିଳାଲେଖରେ ସଂସ୍କୃତ ଓ ତେଲୁଗୁ ଭାଷା ସହ ଓଡ଼ିଆ ଗଦ୍ୟର ପ୍ରମାଣ ମିଳୁଥିବାବେଳେ ପ୍ରଥମ ନରସିଂହଦେବ, ୧୨୪୬ ଖ୍ରୀଷ୍ଟାବ୍ଦରେ କପିଳାସ ଦଧିନଉତି ଶିଳାଲେଖରେ ଦସ (ଦଶ), ସମର, କାରଣ, ରାଜା, ଗଜପ୍ତି (ଗଜପତି), ବିଜୟ, ନରକ, ତୁଳସୀ ଆଦି ଅନେକ ଓଡ଼ିଆ ଶବ୍ଦ ଖୋଦିତ କରିଛନ୍ତି। ସେହିଭଳି ଭୁବନେଶ୍ୱରର ଅନନ୍ତ ବାସୁଦେବ ମନ୍ଦିର ଶିଳାଲେଖ, ଯାହାକି ୧୨୭୮ ଖ୍ରୀଷ୍ଟାବ୍ଦରେ ଖୋଦିତ ହୋଇଥିଲା, ସେଥିରେ ଓଡ଼ିଆ ଶବ୍ଦ ଥିବା କଥା ଆମେ ଆଲୋଚନା କଲୁ।





ସୋମବଂଶୀ ଇନ୍ଦ୍ରରଥଙ୍କ ବାଣପୁର ତାମ୍ରଶାସନ, ଗଙ୍ଗବଂଶ କାଳୀନ ମେଘେଶ୍ୱର ମନ୍ଦିର ଶିଳାଲେଖ, ପ୍ରଥମ ଭାନୁଦେବଙ୍କ ଅମରେଶ୍ୱର ମନ୍ଦିର ଶିଳାଲେଖ, ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ମଧ୍ୟରେ ଥିବା ପାର୍ବତୀ ମନ୍ଦିର ଶିଳାଲେଖ ଆଦି ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଆବିଷ୍କୃତ ଓ ପାଠୋଦ୍ଧାର ହୋଇଥିବା ଅଭିଲେଖାଗୁଡ଼ିକର ଭାଷାତାତ୍ତ୍ୱିକ ଅଧ୍ୟୟନରୁ ସ୍ପଷ୍ଟ ହୁଏ ଯେ, ଆମ ଭାଷା ପ୍ରାଚୀନ ଓ ସମୃଦ୍ଧ ଭାଷା। ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀର ଅଶୋକଙ୍କ ଧଉଳି ଓ ଜଉଗଡ଼ ଶିଳାଲେଖଠାରୁ ଆରମ୍ଭ କରି ୧୦୫୧ର ଉରଜାମ ଶିଳାଲେଖ ଓ ପରବର୍ତ୍ତୀ କାଳରେ ଓଡ଼ିଆ ଲିପି ଓ ଭାଷାର ବିକାଶଧାରା ସମୟସ୍ରୋତରେ ଗତିଶୀଳ ଓ କ୍ରମବିକଶିତ ହୋଇ ପୂର୍ଣ୍ଣାଙ୍ଗ ହୋଇପାରିଛି। ଏହା ଆମ ଭୂମି ଓ ଭାଷାର ସମ୍ପଦ, ଗୌରବ।

## ଶିଳାଲେଖ ଶବ୍ଦାବଳୀ

- ଧଉଳି ଶିଳାଲେଖ, ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀ, ଭୁବନେଶ୍ୱର
- କଲେ, ତିନି, ଦୁବେ, ପଛା, ପନି, ସେ, ହାନି, ଆଖି, ଦସ, ନିଲଠା, ମାଝି, ବାମନ, ମହାମାତ, ମନିସ, କିଟି, ପଟିକା, ବୁଢ଼, ପାଟିପରି, ଲହେବୁ, ଇସା।

## ହାତୀଗୁମ୍ଫା ଶିଳାଲେଖ, ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀ, ଭୁବନେଶ୍ୱର

ଲୁଠିତ, ସିରି, ପନ୍ଦରସା, ସୁଭ, ଲଖନେନ, ଗୁଣ, ଯୋବରାଜ, ମହାରାଜା, ଯୁଗେ, ବିହତ, ଗୋପୁର, ପଛିମ, ହୟ, ଗଜ, ନର, ଗଧ, ବହୁଳଂ, ପୁନ, ରତନ, ପାଦେ, ପଚମେ, ସତ, ବାଟ, କର, ବଣ, ଘରିସି, ସେନ, ବାହନ, ଅନେକ, ପୋର, ଅଠମେ, ମହତ, ମଧୁର, ସହ, ଅଠତିସାୟ, ଯୋଜନା, କାଳ, ଚତୁର, ପବେସା, ଦୁତିୟେ।

ଉଭୟ ଶିଳାଲେଖର ଲିପି - ବ୍ରାହ୍ମୀଲିପି ଓ ଭାଷା-ପାଲିଭାଷା ତେବେ ବହୁ ପ୍ରତ୍ନ ଓଡ଼ିଆ (Proto Odia) ଶବ୍ଦ ଦେଖିବାକୁ ମିଳେ।

## ଆମ ଶିଳାଲେଖ : ତିଥି ଓ ତାରିଖ

- ମଧୁକେଶ୍ୱର ମନ୍ଦିର ମୁଖଲିଙ୍ଗ ଶିଳାଲେଖ, ଜାନୁୟାରୀ ୨୩, ୧୨୦୦ ଖ୍ରୀଷ୍ଟାବ୍ଦ, ଶୁକ୍ରବାର
- ହଟକେଶ୍ୱର ମନ୍ଦିର ସିଂହଭରମ୍ ଶିଳାଲେଖ, ମାର୍ଚ୍ଚ ୨୪, ୧୨୦୫ ଖ୍ରୀଷ୍ଟାବ୍ଦ, ଗୁରୁବାର
- ପାଟଳେଶ୍ୱର ମନ୍ଦିର ଶିଳାଲେଖ, ପୁରୀ, ଜୁନ୍ ୧୪, ୧୨୨୫ ଖ୍ରୀଷ୍ଟାବ୍ଦ, ଗୁରୁବାର
- ଲକ୍ଷ୍ମୀନୃସିଂହ ମନ୍ଦିର ଶିଳାଲେଖ, ସିଂହାଚଳମ୍, ଡିସେମ୍ବର ୧, ୧୨୨୫ ଖ୍ରୀଷ୍ଟାବ୍ଦ, ମଙ୍ଗଳବାର
- ଲିଙ୍ଗରାଜ ମନ୍ଦିର ଶିଳାଲେଖ, ଭୁବନେଶ୍ୱର, ଅପ୍ରେଲ୍ ୧୭, ୧୨୫୭ ଖ୍ରୀଷ୍ଟାବ୍ଦ, ମଙ୍ଗଳବାର

## ସହାୟକ ସୂଚୀ

୧ ସତ୍ୟନାରାୟଣ ରାଜଗୁରୁ, ଉତ୍କଳୀୟ ଲିପିତତ୍ତ୍ୱ, 'ସହକାର' ଏକାଦଶ ଭାଗ, ଏକାଦଶ ସଂଖ୍ୟା, ଫାଲ୍‌ଗୁନ ୧୩୩୮, ପୃଷ୍ଠା-୪୮୩-୪୮୭।
୨ ସତ୍ୟନାରାୟଣ ରାଜଗୁରୁ, ଓଡ଼ିଆ ଲିପିର କ୍ରମବିକାଶ, ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର-୧୯୬୦।
୩ କୁଞ୍ଜବିହାରୀ ତ୍ରିପାଠୀ, The Evolution of Oriya language and Script, Utkal University, ୧୯୬୨।
୪ D.C. Sircar, Indian Epigraphy, Motilal Baranasi Das, New Delhi, ୧୯୬୫।





ସହକାରୀ ପ୍ରଫେସର
ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର-୭୫୧୦୨୨, ମୋ: ୬୩୭୨୦୮୨୬୯୦

# ଚର୍ଯ୍ୟାଗୀତିକାରେ ଓଡ଼ିଆ ଭାଷା



ଭାଷାର ବିବର୍ତ୍ତନ ହିଁ ସାହିତ୍ୟର ବିବର୍ତ୍ତନ। ମନୁଷ୍ୟ ମନୁଷ୍ୟ ଭିତରେ ଭାଷା ହିଁ ସମ୍ପର୍କ ସ୍ଥାପନ କରିଥାଏ। ଭାଷା ମନୁଷ୍ୟକୃତ। ମାନବ ସଭ୍ୟତାର ବିକାଶରେ ଭାଷାର ବିକାଶ ସାଧିତ ହୋଇଥାଏ। ଭାରତର ପ୍ରାୟ ୧୫୦କୋଟି ଜନତାଙ୍କ ଭିତରୁ ଓଡ଼ିଆ ମାତୃଭାଷାକୁ ବ୍ୟବହାର କରୁଥିବା ସଂଖ୍ୟା ୪କୋଟିରୁ ଊର୍ଦ୍ଧ୍ୱ। ଓଡ଼ିଆ ଭାଷାକୁ 'ଉଡ୍ର / ଓଡ଼ ଭାଷା' ବୋଲି ମଧ୍ୟ କୁହାଯାଇଥାଏ। ପ୍ରାଚୀନ କାଳରେ ଓଡ଼ିଶା 'କଳିଙ୍ଗ' ନାମରେ ବେଶ୍ ସମୃଦ୍ଧ। ଏହାର ଉଦ୍ଭବ, ଭାଷା, ଲିପି, ସାହିତ୍ୟ, ସଂସ୍କୃତି ସମ୍ପର୍କରେ ନାନା ଶିଳାଲେଖ, ଅଭିଲେଖ, ପଟ୍ଟଚିତ୍ର, ଗୁମ୍ଫାଚିତ୍ର, ମୁଦ୍ରା, ତାଳପତ୍ର, ପୋଥି, ପୁରାଣ, ଗ୍ରନ୍ଥ ଆଦିରୁ ବିଶେଷ ତଥ୍ୟ ଆମେ ପ୍ରାପ୍ତ ହୋଇଥାଉଁ। ତେବେ ସେ ଯାହା ହେଉନା କାହିଁକି ଓଡ଼ିଆ ଭାଷା ଲିପିର ଉନ୍ମେଷ ଓ ବିକାଶ ହିଁ 'ସାହିତ୍ୟ'ର ବିକାଶ ବୋଲି ବୁଝିବାକୁ ହେବ।









ଡକ୍ଟର ଶର୍ମିଷ୍ଠା ମହାପାତ୍ର

ଓଡ଼ିଆ ଭାଷା ଇଣ୍ଡୋ –ୟୁରୋପୀୟ ଭାଷା ପରିବାରର ଇଣ୍ଡୋ ଇରାନୀୟାନ୍ ଆର୍ଯ୍ୟ ଶାଖାର ଅନ୍ୟତମ ପ୍ରଧାନ ଶାଖା। ଦୀର୍ଘ ଦୁଇ ହଜାର ବର୍ଷର କ୍ରମିକ ବିବର୍ତ୍ତନ ଧାରାରେ ଓଡ଼ିଆ ଭାଷା ତା'ର ପ୍ରାଚୀନତାକୁ ପ୍ରମାଣିତ କରି ଆଜି 'ଶାସ୍ତ୍ରୀୟ ଭାଷା'ର ମୁକୁଟ ପରିଧାନ କରିଛି। ଓଡ଼ିଆ ଭାଷା ଓ ସାହିତ୍ୟର ଉନ୍ମେଷ ପୂର୍ବରୁ ଅପଭ୍ରଂଶ ଭାଷା ଓ ସାହିତ୍ୟର ସୃଷ୍ଟି। ଯାହାକି 'ଲୋକ ଭାଷା' ନାମରେ ପ୍ରଚଳିତ ଥିଲା। ସମୟ ସପ୍ତମ ଶତାବ୍ଦୀରୁ ପ୍ରାୟତଃ ତ୍ରୟୋଦଶ ଶତାବ୍ଦୀ। ଏହି ଲୋକ ଭାଷାରେ ରଚିତ ହୋଇଥିଲା ବୌଦ୍ଧଧର୍ମ ସମ୍ପର୍କିତ ନାନାଗୀତ, କାହାଣୀ ଓ ଘଟଣା। ଯାହାକୁ ଆମେ "ଚର୍ଯ୍ୟାଗୀତିକା" / "ଚର୍ଯ୍ୟାପଦ" ବୋଲି ଅଧୁନା ନାମିତ କରିଅଛୁଁ।

ଚଉରାଶୀ (୮୪)ଜଣ ସିଦ୍ଧାଚାର୍ଯ୍ୟଙ୍କ କବିତାକୁ ନେଇ ବୌଦ୍ଧଚର୍ଯ୍ୟାପଦ ବା ଗୀତିକା ରଚନା କରାଯାଇଥିଲା। ପ୍ରତ୍ୟେକ ଗୀତିକାରେ ବ୍ୟବହୃତ ଭାଷା ପ୍ରାୟ ସମାନ।

ବୌଦ୍ଧ ଧର୍ମଚର୍ଚ୍ଚା, ସହଜଯାନ ଏବଂ ବଜ୍ରଯାନଭଳି ଧର୍ମୀୟ ଗୋଷ୍ଠୀକୁ ଏଥିରେ ପ୍ରାଧାନ୍ୟ ଦିଆଯାଇଥିଲା। ମାତ୍ର ଏପର୍ଯ୍ୟନ୍ତ ସଂକଳିତ ଚର୍ଯ୍ୟାଗୀତିକାରେ ୨୩ଜଣ ସିଦ୍ଧାଚାର୍ଯ୍ୟଙ୍କର ରଚନା ରହିଅଛି।

ଯେଉଁ ୮୪ଜଣ ସିଦ୍ଧଙ୍କର ନାମ ଏଯାଏଁ ପ୍ରାପ୍ତ ସେମାନେ ହେଲେ-ଲୁଇପା, ଲୀଳାପା, ବିରୂପା, ଡୋମ୍ବିପା, ଶବରୀପା, ସରହପା, କଂକାଳୀପା, ମୀନପା, ଗୋରକ୍ଷପା, ଚୋରଙ୍ଗିପା, ବୀଣାପା, ଶାନ୍ତିପା, ତନ୍ତିପା, ଚମାରିପା, ଖଡ଼ଗପା, ଭଦ୍ରପା, ଛତ୍ରପା, ମହିପା, ରାହୁଳପା, କର୍ମରପା, ଧର୍ମରିପା, ଧୋକଡ଼ିପା, ମେଦିନୀପା, ବଜ୍ରପା, ଭଲିପା ପ୍ରମୁଖ। ନେପାଳ ରାଜଦରବାରରୁ ସର୍ବପ୍ରଥମେ ୧୮୯୭/୯୮ମସିହାରେ ମହାମହୋପାଧ୍ୟାୟ ତଥା ବଂଗୀୟ ଭାଷା ଗବେଷକ ହରପ୍ରସାଦ ଶାସ୍ତ୍ରୀ ପୋଥିଟିକୁ ସଂଗ୍ରହ କରନ୍ତି। ଯାହାକି 'ଜଳାର୍ଣ୍ଣବ', 'ସୁଭାଷିତ ସଂଗ୍ରହ', 'ଦୋହାକୋଷ' ଭଳି ପୋଥିମାନ ରହିଥିଲା। ୧୯୦୭ ମସିହାରେ ପୁନଶ୍ଚ ସେହି ପାଠାଗାର ଯାଇ 'ଚର୍ଯ୍ୟା ଚର୍ଯ୍ୟ ବିନିମୟ' ନାମରେ ଅନ୍ୟ ଏକ ପୋଥି ପ୍ରାପ୍ତ ହେଲେ। ସେ ପ୍ରାୟ ୫୦ଟି ଚର୍ଯ୍ୟାକୁ ନେଇ ୧୯୧୬ରେ "ବୌଦ୍ଧଗାନ ଦୋହା" ନାମରେ ଏକ ପୁସ୍ତକ ପ୍ରକାଶ କରନ୍ତି। ଏ ତ ଗଲା ବୌଦ୍ଧ ଚର୍ଯ୍ୟାପଦ ସମ୍ପର୍କୀୟ ପ୍ରାଥମିକ ବିବରଣୀ, ତେବେ ମୂଳତଃ ଚର୍ଯ୍ୟାପଦ ଗୁଡ଼ିକ ଅଷ୍ଟମ ଶତାବ୍ଦୀରୁ ଦ୍ୱାଦଶ ଶତାବ୍ଦୀର ରଚନା ବୋଲି ଗବେଷକଗଣ ମତ ରଖନ୍ତି।

'ଚର୍ଯ୍ୟା'ର ଅର୍ଥ ଆଚରଣ ବା ଆଚାର। ଏହି ଆଚରଣ ହେଉଛି ସାଧକର ସାଧନାଗତ ଆଚରଣ। ଅନ୍ୟ ଅର୍ଥରେ ଅଧ୍ୟୟନ ବା ସମୀକ୍ଷା ବୋଲି ବୁଝିବାକୁ ହେବ। ଗାଇବାର ମାଧୁର୍ଯ୍ୟ ରହୁଥିବାରୁ ଗୀତିକାର ନାମ 'ଚର୍ଯ୍ୟାଗୀତିକା' ବୋଲି କୁହାଯାଇପାରେ।

ନେପାଳରେ ବୌଦ୍ଧଭିକ୍ଷୁମାନେ ସେମାନଙ୍କ ଗୁପ୍ତ ପୂଜାକୁ 'ଚର୍ଯ୍ୟା' ବା 'ଚୟ' କହନ୍ତି। ଏହି ପଦରୁ 'ଚର୍ଯ୍ୟାପଦ'ର ନାମକରଣ ସମ୍ଭବ ହୋଇଥାଇପାରେ!

**ମୂଳପୋଥି-ଚର୍ଯ୍ୟା** - ଚର୍ଯ୍ୟ ବିନିଶ୍ଚୟ
**ବୌଦ୍ଧଗାନ ଓ ଦୋହା**- ହରପ୍ରସାଦ ଶାସ୍ତ୍ରୀ
**ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟ**- ବିଧୁଶେଖର ଭଟ୍ଟାଚାର୍ଯ୍ୟ
**ଚର୍ଯ୍ୟାଶ୍ଚର୍ଯ୍ୟ ବିନିଶ୍ଚୟ**- ପ୍ରବୋଧ କୁମାର ବାଗ୍‌ଚୀ
**ଚର୍ଯ୍ୟାଗୀତ ପଦାବଳୀ**- ଡକ୍ଟର ସୁକୁମାର ସେନ୍
**ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟ**- ଡକ୍ଟର କରୁଣା କର କର (ନିବନ୍ଧ)
**ଚର୍ଯ୍ୟାଗୀତିକା**-ଖଗେଶ୍ୱର ମହାପାତ୍ର (ଚର୍ଯ୍ୟାଲୋଚନା)

ହରପ୍ରସାଦ ଶାସ୍ତ୍ରୀ ଚର୍ଯ୍ୟାକୁ କୀର୍ତ୍ତନ ସହିତ ତୁଳନା କରିଛନ୍ତି। କାରଣ ଏଥିରେ ଆବୃତି ରହିଥିବାରୁ ସେ ଏଭଳି ମତପୋଷଣ କରନ୍ତି। ମୋ ମତରେ ଗୀତ କୀର୍ତ୍ତନ ନୁହେଁ; ବରଂ ଚଉରାଶି ସିଦ୍ଧାଚାର୍ଯ୍ୟଙ୍କ ହୃଦୟାବେଗାନୁଭୂତି କହିଲେ ସଠିକ୍ ହେବ। ମୂଳତଃ ଲୁଇପା, ଶବରୀପା, ସରହପା, କାହ୍ନୁପା, ଶାନ୍ତିପାଙ୍କ ଚର୍ଯ୍ୟାଗୀତ ଓଡ଼ିଆ ସାହିତ୍ୟରେ ବିଶେଷ ଚର୍ଚ୍ଚିତ। ବୌଦ୍ଧ ସାଧକମାନେ 'ପାଦ' ଉପାଧିରେ ଭୂଷିତ ହୋଇଥିବାରୁ କାଳକ୍ରମେ ପାଦରୁ 'ଦ' କଟି କେବଳ 'ପା' ଶବ୍ଦ ରହିଥିବା ଅନୁମାନ କରାଯାଏ।

## ଚର୍ଯ୍ୟାଗୀତର ଭାଷା

ଚର୍ଯ୍ୟାଗୀତର ଭାଷା ହେଉଛି 'ଅପଭ୍ରଂଶ'। ପ୍ରାକୃତ ଭାଷାରୁ ଏହାର ସୃଷ୍ଟି। ୭ମରୁ ୧୨ଶ ଶତାବ୍ଦୀ ହିଁ ଏହାର ସମୟସୀମା। ଚର୍ଯ୍ୟାର ଭାଷାକୁ 'ଉଡ୍ରଜା ପ୍ରାକୃତ' ବୋଲି ବେଣୀମାଧବ ପାଢ଼ୀ ଦାବି କରୁଥିବା ବେଳେ ଭରତଙ୍କ ନାଟ୍ୟଶାସ୍ତ୍ରରେ 'ଉଡ୍ରଜା ବିଭାଷା' ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ଉଡ୍ରଜା ବିଭାଷା ହିଁ ପ୍ରାକୃତ ତଥା ଅପଭ୍ରଂଶ ଭାଷା। ଏହା ଲୋକ କଥିତ ଭାଷା। ଏହି ଭାଷାରେ ଚର୍ଯ୍ୟାପଦ ସବୁ ରଚିତ। ଓଡ଼ିଆ, ଅହମୀୟା, ବଂଗଳା, ମୈଥିଳୀ, ମାଗଧୀ ପ୍ରଭୃତି ପୂର୍ବାଞ୍ଚଳ ଭାଷାଭାଷୀ ବ୍ୟକ୍ତିଗଣ ନିଜଭାଷାର ଆଦିମ ରୂପକୁ ଚର୍ଯ୍ୟାଗୀତରେ ସନ୍ଧାନ କରିଛନ୍ତି। ଚର୍ଯ୍ୟାପଦ ରଚନାର ତିନୋଟି ବଳିଷ୍ଠ ଦିଗହେଲେ ଧର୍ମ, ଇତିହାସ ଏବଂ ଭାଷା। ବୌଦ୍ଧଧର୍ମ ଦର୍ଶନ ଆଧାରରେ ଓଡ଼ିଶାର ସାଂସ୍କୃତିକ ଇତିହାସ ତଥା ଓଡ଼ିଆ ଭାଷାର ଶବ୍ଦଭଣ୍ଡାର ସବୁ ଏଥିରେ ପ୍ରୟୋଗ ହୋଇଛନ୍ତି। ଚର୍ଯ୍ୟାଗୀତରେ ଯେ କେବଳ ସଂସ୍କୃତ ଶବ୍ଦ ପରିଲକ୍ଷିତ ହୁଏ ତାହା ନୁହେଁ, ଅନେକ ଦେଶଜ ଓଡ଼ିଆ ଶବ୍ଦ ମଧ୍ୟ ପ୍ରଚଳିତ। ଚର୍ଯ୍ୟା ସାହିତ୍ୟର ସିଦ୍ଧାଚାର୍ଯ୍ୟମାନେ ଯେ ଓଡ଼ିଶାବାସୀ ଓ ଓଡ଼ିଆ ଭାଷୀ ତଥା ଓଡ଼ିଶାର ଧାର୍ମିକ, ସାଂସ୍କୃତିକ ଓ



ସାହିତ୍ୟିକ ପାଣିପବନରେ ବର୍ଦ୍ଧିତ ତାହା ପାଦଗୁଡ଼ିକରୁ ବୁଝାଯାଇଥାଏ। ଚର୍ଯ୍ୟାପଦର ଭାଷାତାତ୍ତ୍ୱିକ ଦୃଷ୍ଟିରୁ ବିଚାର କଲେ ଦେଖାଯାଏ ଯେ ଏହାର ଶବ୍ଦଭଣ୍ଡାର ଓ ବ୍ୟାକରଣ (ପ୍ରତ୍ୟୟ, ସର୍ବନାମ, କ୍ରିୟା, ଶବ୍ଦ ଓ ବାକ୍ୟ ରଚନା) ଦୃଷ୍ଟିରୁ ଓଡ଼ିଆ ଭାଷାର ଯଥେଷ୍ଟ ନିକଟବର୍ତ୍ତୀ।

ନଗର ବାହାରେ ଡୋମ୍ବୀ ତୋହୋରି କୁଡ଼ିଆ
ଛୋଇ ଛୋଇ ଜାହି ସୋ ବାହ୍ମଣ ନାଡ଼ିଆ।୧।
ଆଲୋ ଡୋମ୍ବୀ ତୋଏ ସମ କରିବୋ ମୋ ସାଙ୍ଗ
ନିଘିନ କାହ୍ନ କାପାଳି ଜୋଇ ଲାଙ୍ଗ।୨।

## ଅର୍ଥ

ଏହି ଗୀତିକାରେ କବି ଡୋମ୍ବୀ ଗାଁ ବାହାରେ ଘର କରି ରହୁଥିବା କଥା କହିଛନ୍ତି। ବ୍ରାହ୍ମଣ ନାଳିଆ ଛୁଇଁଛୁଇଁ ଗଲାପରି ଅବଧୂତିକା ବହ୍ମନାଡ଼ିକୁ ଛୁଇଁଛୁଇଁ ଯାଏ। ଅନ୍ୟ ଯୋଗୀମାନେ ଅବଧୂତିକାକୁ ଛୁଇଁ ତାହାକୁ ଉପଭୋଗ କରି ଆନନ୍ଦ ଲାଭ କରନ୍ତି। ଲଜ୍ଜା ଘୃଣା ଛାଡ଼ି ଯୋଗୀ ଅବଧୂତିକା ସହ ମିଳିତ ହେବାର ଇଚ୍ଛାକୁ କବି ବର୍ଣ୍ଣନା କରୁଛନ୍ତି।

## ତତ୍‌ସମ ଶବ୍ଦ

ଏଥିରେ ସଂସ୍କୃତର ଅବିକୃତ ରୂପ ପରିଲକ୍ଷିତ। ଯେମିତିକି : ତରୁବର, ପଞ୍ଚ, ଗୁରୁ, ଶିଷ୍ୟ, ବନ, ମଣ୍ଡଳ, ଦୁର୍ଜନ, ବୈରୀ ଇତ୍ୟାଦି ଶବ୍ଦ।

## ତଦ୍‌ଭବ ଶବ୍ଦ

ଏଥିରେ ସଂସ୍କୃତର ବିକୃତ ରୂପ ରହିଛି। ଯେପରିକି : କାଆ (କାୟା), ଚୀଏ (ଚିତ୍ତେ), ଦିଢ଼ (ଦୃଢ଼), ମହାମୁହ (ମହାସୁଖ), ସଅଳ (ସକଳ), ନିଚିତ (ନିଶ୍ଚିତ), ବେଣି (ବେନି), ପରିଛ (ପରୀକ୍ଷା), ସେଜ (ଶଯ୍ୟା), ଭୁଅନ (ଭୁବନ), ମୋଖ (ମୋକ୍ଷ), ହାଥେ (ହସ୍ତେ), ପବଣ (ପବନ), ଜୋଇ (ଯୋଗୀ), ସିହର (ଶିଖର), ରଅଣି (ରଜନୀ)ଆଦି ଶବ୍ଦ।

## ଦେଶଜ ଶବ୍ଦ

କାହି (କାହିଁ), କରିଅଇ (କରଇ), କାଜ (କାର୍ଯ୍ୟ), ଗିବତ (ଗ୍ରୀବା), ଘେଣିଲି (ଘେନିଲି), ଚାହଇ (ଚାହିଁଇ), ତାହେର (ତାହାର), ପାବତ (ପର୍ବତ), ମୋଏ (ମୋତେ), ସଅଳ (ସକଳ), ସେଜି (ଶେଯ) ପ୍ରଭୃତି ଶବ୍ଦ ଅନ୍ୟତମ।

## ତତ୍‌ସମ ଶବ୍ଦ

ଏଥିରେ ସଂସ୍କୃତର ଅବିକୃତ ରୂପ ପରିଲକ୍ଷିତ। ଯେମିତିକି : ତରୁବର, ପଞ୍ଚ, ଗୁରୁ, ଶିଷ୍ୟ, ବନ, ମଣ୍ଡଳ, ଦୁର୍ଜନ, ବୈରୀ ଇତ୍ୟାଦି ଶବ୍ଦ।

## ତଦ୍‌ଭବ ଶବ୍ଦ

ଏଥିରେ ସଂସ୍କୃତର ବିକୃତ ରୂପ ରହିଛି। ଯେପରିକି : କାଆ (କାୟା), ଚୀଏ (ଚିତ୍ତେ), ଦିଢ଼ (ଦୃଢ଼), ମହାମୁହ (ମହାସୁଖ), ସଅଳ (ସକଳ), ନିଚିତ(ନିଶ୍ଚିତ), ବେଣି (ବେନି), ପରିଛ (ପରୀକ୍ଷା), ସେଜ (ଶଯ୍ୟା), ଭୁଅନ (ଭୁବନ), ମୋଖ (ମୋକ୍ଷ), ହାଥେ (ହସ୍ତେ), ପବଣ(ପବନ), ଜୋଇ (ଯୋଗୀ), ସିହର (ଶିଖର), ରଅଣି (ରଜନୀ)ଆଦି ଶବ୍ଦ।

## ଦେଶଜ ଶବ୍ଦ

କାହି(କାହିଁ), କରିଅଇ(କରଇ), କାଜ(କାର୍ଯ୍ୟ), ଗିବତ (ଗ୍ରୀବା), ଘେଣିଲି (ଘେନିଲି), ଚାହଇ(ଚାହିଁଇ), ତାହେର (ତାହାର), ପାବତ (ପର୍ବତ), ମୋଏ (ମୋତେ), ସଅଳ (ସକଳ), ସେଜି (ଶେଯ) ପ୍ରଭୃତି ଶବ୍ଦ ଅନ୍ୟତମ।

୧- ପ୍ରଥମା ବିଭକ୍ତିରେ ଏ' ପ୍ରତ୍ୟୟ ବ୍ୟବହୃତ। ଯଥା-ଅଳିଏଁ, ଜେଜେ, ତେତେ
୨- ଦ୍ୱିତୀୟାରେ କୁ, ନ୍ତ, ଏଁ, ରେଁ ବିଭକ୍ତି। ଯଥା-ମୋକୁ, ଗଅଣନ୍ତ, ପୋଏ, ତୋହୋରେ
୩- ପଞ୍ଚମୀରେ ହୁଁ ବ୍ୟବହୃତ। ଯଥା-ଖେପହୁଁ, ହିଅହୁଁ
୪- ଷଷ୍ଠୀରେ ର ବ୍ୟବହୃତ। ଯଥା-ହରିଣାର, ତାହାରି
୫- ସପ୍ତମୀରେ ତେ, ତ ବ୍ୟବହୃତ। ଯଥା-ଦୁଃଖତେଁ, ଗଅଣତ



## ଚର୍ଯ୍ୟାପଦରେ ମୁଖ୍ୟତଃ ତିନିକାଳକୁ ପ୍ରାଧାନ୍ୟ ଦିଆଯାଇଛି। ଯଥା-

୧- ବର୍ତ୍ତମାନ କାଳ-ଭଣନ୍ତି, ଭଣଇ, ବସଇ, ବୋଲଇ, ଜାଣଇ, ଦେଖଇ, ଯାସି
୨- ଅତୀତ କାଳ-ଦିଲା, ଫୁଟିଲା, ଗେଲା, ଫିଟିଲା, ରୁନ୍ଧେଲା
୩- ଭବିଷ୍ୟତ କାଳ-ହୋଇବ, ଜାଇବ, ଖାଇବ, ଦିବି, ଭାଇବି
୪- ଅସାମିକା କ୍ରିୟା ପଦ-ଶୁଣି, ମାରି, ଜାଇ, ଲାଇ, ବାନ୍ଧି, ମାରିଅ, ଧରିଅ, ବଖାଣି



ଚର୍ଯ୍ୟାଗୀତିରେ ଯେଉଁସବୁ କ୍ରିୟାପଦ ପ୍ରଚଳିତ ସେଗୁଡ଼ିକ ମଧ୍ୟରୁ ଅଧିକାଂଶ ଓଡ଼ିଆ ଭାଷାରେ ଅବିକଳ ଭାବରେ ବ୍ୟବହୃତ ହେଉଅଛି।

ଦୋହାକୋଷାର ଭାଷା ଓ ଲିପି ସହିତ ଓଡ଼ିଆ ଭାଷାର ଲିପିଗତ ସାଦୃଶ୍ୟତା ରହିଥିବାର ଦେଖାଯାଏ। ଚର୍ଯ୍ୟାପଦରେ ବିଭିନ୍ନ ପଶୁପକ୍ଷୀ ଯଥା: ମୟୂର, ହରିଣ, ବେଙ୍ଗ, ସିଂହ, ଶିଆଳ, ମତ୍ତହସ୍ତୀ, ଶଶକ, କୁକୁର, କଇଁଚ ଆଦି ନାମ ବ୍ୟବହୃତ। ସେହିପରି ନରନାରୀ ଯୋଗୀ, ଯୋଗିନୀ, ବ୍ରାହ୍ମଣ, କାପାଳିକ, ନଣନ୍ଦ, ଶାଳୀ, ଶବର, ଡୋମ୍ବ, ଚଣ୍ଡାଳ, ବିଦୁଷକ, ଗୁରୁ ଆଦି ରହିଛି। ଚର୍ଯ୍ୟା ସାହିତ୍ୟରେ କୃଷି ଓ ପ୍ରକୃତିକୁ ମଧ୍ୟ ଗ୍ରହଣ କରାଯାଇଛି। ଯେପରିକି-ମକା, କାଙ୍ଗୁ, କପା, ବୃକ୍ଷ, ଡ଼ା. ଫୁଲ, ପର୍ବତ, ଗିରି, ନଦୀ, ଚନ୍ଦ୍ର, ରାତି, ବାଉଁଶ, ସରୋବର, କମଳିନୀ, ତରୁ ଭଳି ବହୁ ଶବ୍ଦ ବ୍ୟବହୃତ। ବୌଦ୍ଧଗାନ ଓ ଦୋହାରେ ଆଧୁନିକ ଓଡ଼ିଆ ଭାଷାର ବହୁ ଶବ୍ଦ ପୂର୍ଣ୍ଣହୋଇଥିବାର ଦେଖିଲେ ଆଶ୍ଚର୍ଯ୍ୟ ହେବାକୁ ପଡ଼େ।

ଚର୍ଯ୍ୟାଗୀତିକାରେ କବିମାନେ ତାନ୍ତ୍ରିକ ବୌଦ୍ଧମତବାଦର ପ୍ରକାଶ କରିଅଛନ୍ତି। ବଜ୍ରଯାନ, କାଳଚକ୍ରଯାନ ଓ ସହଜଯାନର ବିଭିନ୍ନ ସ୍ତର ମଧ୍ୟଦେଇ ଏହି ବୌଦ୍ଧମତବାଦ ଆଗେଇଥିବାର ଜଣାଯାଏ। କବିମାନେ ସେମାନଙ୍କ ରଚନାରେ ରୂପକ ଛଳରେ ଧର୍ମର ଗୂଢ଼ତତ୍ୱ ପ୍ରକାଶ କରିବାକୁ ସମର୍ଥ ହୋଇଛନ୍ତି। ବଜ୍ରପନ୍ଥୀମାନେ ମନ୍ତ୍ର, ମୁଦ୍ରାମଣ୍ଡଳ, ଦେବଦେବୀ ପୂଜା, ଧ୍ୟାନ, ଧାରଣା ମାର୍ଗରେ ବିଶେଷତଃ ଅଗ୍ରସର ହୋଇଛନ୍ତି। ଏହି ସାଧନା ପଦ୍ଧତିରୁ ପରବର୍ତ୍ତୀ କାଳରେ କାଳଚକ୍ରଯାନ ଓ ସହଜଯାନର ଉଦ୍‌ଭବ ହେଇଥିଲା।

କାଳଚକ୍ରଯାନର ସାଧକମାନେ ଶ୍ୱାସପ୍ରଶ୍ୱାସର ପ୍ରବାହକୁ କାଳପ୍ରବାହର ବାହନ ଭାବରେ ଗ୍ରହଣ କରି ତାହାକୁ ଆୟତ୍ତ କରି କାଳଚକ୍ରକୁ ଅତିକ୍ରମ କରିବା ପାଇଁ ସାଧନାରତ ହେଲେ। ସହଜଯାନର ସାଧନା ମାର୍ଗ ସହଜ ଥିଲା। ସେମାନେ ପୂଜା, ତତ୍ତ୍ୱାନୁସନ୍ଧାନ ଅପେକ୍ଷା ସ୍ୱାଭାବିକ ବୃତ୍ତିକୁ ଗ୍ରହଣ କରି ସତ୍ୟ ଉପଲବ୍ଧି କରିଛନ୍ତି। ସିଦ୍ଧାଚାର୍ଯ୍ୟମାନେ ସେମାନଙ୍କ ରଚନାରେ ଗୁରୁଙ୍କ ଉପଦେଶ ଓ ସାଧନାମାର୍ଗ ବିଷୟରେ ବିଶେଷ ବର୍ଣ୍ଣନା କରିଛନ୍ତି। ଚର୍ଯ୍ୟାଗୀତିକାଗୁଡ଼ିକ ରଚିତ ହେବା ମୂଳରେ ଲକ୍ଷ୍ୟଥିଲା ଜନସମାଜକୁ ଧର୍ମମତବାଦର ସନ୍ଧାନ ଦେବା।

ସମାଜର ଯେକୌଣସି ବ୍ୟକ୍ତି ଏହି ଗୀତିକାଗୁଡ଼ିକୁ ପାଠକରି ତହିଁରୁ ଧର୍ମମତବାଦର ଗୂଢ଼ତତ୍ତ୍ୱକୁ ହୃଦୟଙ୍ଗମ କରିପାରିବ। ନାସ୍ତିକ ଶ୍ରେଣୀର ବ୍ୟକ୍ତି ଏହି ଗୀତଗୁଡ଼ିକୁ ସାଧାରଣ ଗୀତିକବିତା ଭାବରେ ଗ୍ରହଣକରି ତାହାର ସାଧାରଣ ତଥା ବାହ୍ୟ ଅର୍ଥକୁ ମଧ୍ୟ ବୁଝିପାରିବ। ଏହି ଗୀତିକାଗୁଡ଼ିକରେ ବହୁ ସ୍ଥଳରେ ଉପମା, ଉତ୍‌ପେକ୍ଷା, ରୂପକ ଆଦି ଅଳଙ୍କାର ପ୍ରୟୋଗ ହୋଇଥିବାର ଲକ୍ଷ୍ୟ କରାଯାଏ। କବିମାନେ ନିମ୍ନ ସ୍ତରର ବ୍ୟକ୍ତି ଏପରିକି ଶବର-ଶବରୀ ପ୍ରେମଚର୍ଯ୍ୟାକୁ ମଧ୍ୟ ଏଥିରେ ପ୍ରାଧାନ୍ୟ ଦେଇଛନ୍ତି। ନାନାଛନ୍ଦ ନିୟମରେ ଏସବୁ ରଚିତ। ଯେମିତିକି ପଟ୍ଟମଞ୍ଜରୀ, ଗଉଡ଼ା, ମାଳସୀ ଗଉଡ଼ା, ମଲ୍ଲାରୀ, ଦେଶାଖ, ଭୈରବୀ, କାମଦ ଆଦି ଛନ୍ଦ।

ଚର୍ଯ୍ୟାଗୀତିକାରେ ତତ୍କାଳୀନ ସମାଜର ଜୀବନଚିତ୍ର ରୂପାୟିତ। ସେହି ସମୟ, ଜୀବନଶୈଳୀ, ବେଶଭୂଷା, ଖାଦ୍ୟପେୟ, ବିବାହ ଆଦି ପାରମ୍ପରିକ ନୀତି ନିୟମ ପର୍ଯ୍ୟବେସିତ। ନୀଚ ଶ୍ରେଣୀ ବିଶେଷ କରି ଡୋମ, ଶବରମାନଙ୍କ ଜୀବନଗାଥା, ତୁଳା ଭିଣି ସୂତା କାଟିବା ପ୍ରଥା, ଶିକାର, ନଦୀପାର ଭଳି ପ୍ରାଚୀନ ବ୍ୟବସ୍ଥା ସମ୍ପର୍କରେ ତଥ୍ୟ ମିଳିଥାଏ। ଚର୍ଯ୍ୟାର ସହଜିଆ ତତ୍ତ୍ୱ ସହିତ ସରସ ରସ ପରିବେଷଣ ବେଶ୍ ମନୋରମ। ଚର୍ଯ୍ୟା ସାହିତ୍ୟର ପଦମାନ ସଙ୍ଗୀତପୂର୍ଣ୍ଣକ। ସତେ ଯେପରି ଏ ସାହିତ୍ୟ ଧାର୍ମିକ ଅନୁଷ୍ଠାନରେ ପରିବେଷିତ ହେଉଥିବାର ମନେହୁଏ। ଚର୍ଯ୍ୟାରେ ଛନ୍ଦରାଗ ମଧ୍ୟ ବ୍ୟବହୃତ। ପଟ୍ଟମଞ୍ଜରୀ, ଗଉଡ଼ା, ମାଳସୀ, ମହ୍ଲାରୀ, ଧନସୀ, ବଂଗଳା, ଭୈରବୀ, ଶାବରୀ, ବଂଗଳା ଓ ଇନ୍ଦ୍ରତାଳ ଇତ୍ୟାଦି।

ଚର୍ଯ୍ୟାସାହିତ୍ୟର ଭାଷା ଦୃଷ୍ଟିରୁ ଦେଖିବାକୁ ଗଲେ ତାହା ବଂଗଳା, ଅହମୀୟା, ମୈଥିଳୀ, ହିନ୍ଦୀ ଅପେକ୍ଷା ଓଡ଼ିଆ ଭାଷାର ଅଧିକ ନିକଟବର୍ତ୍ତୀ। ତେବେ ଓଡ଼ିଆ ସାହିତ୍ୟରେ ପ୍ରାକ୍-ସାରଳା ଯୁଗ କହିଲେ ସିଦ୍ଧାଚାର୍ଯ୍ୟମାନଙ୍କର ସାହିତ୍ୟକୁ ହିଁ ବୁଝାଇଥାଏ। ଭାଷାତତ୍ତ୍ୱ, ଧର୍ମ ତତ୍ତ୍ୱ ଓ ଇତିହାସ ଦୃଷ୍ଟିରୁ ବିଚାର କଲେ, ଏହି ଗୀତି ଯେ ଓଡ଼ିଆ ଭାଷା ସାହିତ୍ୟର ଏଥିରେ କୌଣସି ସନ୍ଦେହ ନାହିଁ। ■

ସହକାରୀ ପ୍ରାଧ୍ୟାପିକା
ଓଡ଼ିଆ ବିଶ୍ୱବିଦ୍ୟାଳୟ, ସତ୍ୟବାଦୀ, ପୁରୀ, ମୋ: ୭୨୦୫୪୦୦୫୮୪

ଭାବ ପ୍ରକାଶର ଏକ ବଳିଷ୍ଠ ମାଧ୍ୟମ ହେଉଛି ଭାଷା । ଭାରତର ସମ୍ବିଧାନ ସ୍ୱୀକୃତିପ୍ରାପ୍ତ ଭାଷା ମଧ୍ୟରୁ ଓଡ଼ିଆ ଭାଷା ଅନ୍ୟତମ । ଓଡ଼ିଆ ଏକ ସମୃଦ୍ଧ ଓ ପ୍ରାଚୀନ ଭାଷା । ଏହି ଭାଷାକୁ ବଞ୍ଚାଇ ରଖିବାରେ ଆମ ରାଜ୍ୟର ବହୁ ବରେଣ୍ୟ କବି, ଲେଖକଙ୍କ ଅତୁଳନୀୟ ଅବଦାନ ରହିଛି । ଓଡ଼ିଆକୁ ଏକ ସ୍ୱତନ୍ତ୍ର ଭାଷାର ମାନ୍ୟତା ଦେବା ପାଇଁ ନିଜ ଲେଖନୀ ମାଧ୍ୟମରେ ସେମାନେ ନିରନ୍ତର ସଂଗ୍ରାମ କରିଛନ୍ତି । ଏହି ମହାନ୍ ସାରସ୍ୱତ ସାଧକଙ୍କ ନିଷ୍ଠାପର ସାଧନା ଯୋଗୁଁ ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷାର ମର୍ଯ୍ୟାଦା ଲାଭ କରିଛି । ଓଡ଼ିଆ ଷଷ୍ଠ ଭାରତୀୟ ଭାଷା ଭାବରେ ଶାସ୍ତ୍ରୀୟ ମାନ୍ୟତା ପାଇଛି । ଓଡ଼ିଶାର କେତେଜଣ ପ୍ରାତଃସ୍ମରଣୀୟ ସାହିତ୍ୟ ସାଧକଙ୍କ ସୃଷ୍ଟିରେ ଭାଷାର ଗୌରବ କିଭଳି ପ୍ରତିଫଳିତ ହୋଇଛି , ତାହା ଜାଣିବା ସେମାନଙ୍କ କୃତିର କିୟଦଂଶରୁ...




# ସାରସ୍ୱତ ସାଧକଙ୍କ ସୃଷ୍ଟିରେ ଭାଷା

## ଉତ୍କଳ ଭାଷାର ଭୂତ ଭବିଷ୍ୟତ

**-ଫକୀର ମୋହନ ସେନାପତି**



ତିରିଶ ବର୍ଷରୁ ଊର୍ଦ୍ଧ୍ୱକାଳର କଥା, ସେ ସମୟରେ ବର୍ତ୍ତମାନ ପ୍ରଚଳିତ ଶିକ୍ଷା ବିଭାଗର ବାଲ୍ୟାବସ୍ଥା । ଉତ୍କଳର ସମସ୍ତ ସ୍କୁଲ ସଂଖ୍ୟା ଦକ୍ଷିଣ ହସ୍ତର ଅଙ୍ଗୁଳି ସମଷ୍ଟିର ପଦସଂଖ୍ୟା ଅତିକ୍ରମ କରୁ ନ ଥିଲା । ମୁଦ୍ରିତ ଉତ୍କଳ ପୁସ୍ତକ ସଂଖ୍ୟା ୬ ଖଣ୍ଡ ମାତ୍ର । ବିଦ୍ୟାଳୟମାନଙ୍କରେ ଇତିହାସ, ସାହିତ୍ୟ, ଭୂଗୋଳ, ଗଣିତ ପ୍ରଭୃତି ବଙ୍ଗଭାଷାରେ ପଠିତ ହେଉଥିଲା, ନାମ ମାତ୍ର ଖଣ୍ଡିଏ ସାହିତ୍ୟ ଉତ୍କଳ ଭାଷାରେ ଥିଲା । ସମସ୍ତ ଉତ୍କଳରେ ଜଣେ ମାତ୍ର ଡେପୁଟି ଇନ୍ସପେକ୍ଟର। ସେ ସ୍କୁଲ ସମୂହର ହର୍ତ୍ତାକର୍ତ୍ତା ବିଧାତା ଥିଲେ। ସେ ମଧ୍ୟ ବିଦେଶୀ । ସାଲ ତମାମୀ ରିପୋର୍ଟଟି ସୁନ୍ଦର ଭାଷାରେ ସଜାଇ ଇନ୍ସପେକ୍ଟର ସାହେବଙ୍କ ଅଫିସ୍‌କୁ ପଠାଇବା ସେମାନେ ଏକମାତ୍ର କର୍ତ୍ତବ୍ୟ ବୋଲି ମଣୁଥିଲେ ।

ସେହି ସମୟରେ ବାଲେଶ୍ୱର ଜିଲ୍ଲା ସ୍କୁଲରେ ଜଣେ ପଣ୍ଡିତ ନିଯୁକ୍ତ ଥିଲେ । ସେ ବଙ୍ଗଦେଶୀ, ନାମ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ, ସ୍କୁଲରେ ଓଡ଼ିଆ ପଢ଼ାଇବା ପାଇଁ ତାହାଙ୍କ ପ୍ରତି ଆଦେଶ ହେଲା । ଆପେ ଉତ୍କଳ ଭାଷା ଶିଖିବାକୁ ଲାଗିଲେ, କିନ୍ତୁ ଆପେ ପଢ଼ି ପିଲାମାନଙ୍କୁ ପଢ଼ାଇବା ତାହାଙ୍କର ମନୋନୀତ ହେଲା ନାହିଁ। ବିଶେଷ ପରିଶ୍ରମ କରି ଅସାର ଯୁକ୍ତିପୂର୍ଣ୍ଣ ଖଣ୍ଡିଏ ପୁସ୍ତକ ଲେଖିଲେ, ତାହାର ନାମ 'ଓଡ଼ିଆ ସ୍ୱତନ୍ତ୍ର ଭାଷା ନୁହେଁ।' ଏହା ବଙ୍ଗ ଭାଷାର କଦର୍ଯ୍ୟ ଅପଭ୍ରଂଶ ମାତ୍ର, ଅର୍ଥାତ୍ ବଙ୍ଗଭାଷାରେ କେତେଗୁଡ଼ିଏ କଦର୍ଯ୍ୟ ଜଙ୍ଗଲୀ ଭାଷା ମିଶି ଓଡ଼ିଆ ରୂପେ ପରିଣତ ହୋଇଅଛି। ଏଥକୁ ଉତ୍କଳ ଭାଷାକୁ ଏକାବେଳକେ ଓଡ଼ିଶାରୁ ଉଠାଇ ଦେବା ଉଚିତ । ସେହି ସମୟରେ ସରକାରୀ କାର୍ଯ୍ୟ ଉପଲକ୍ଷରେ ଉତ୍କଳରେ ବାସ କରୁଥିବା ସମସ୍ତ ବଙ୍ଗବାସୀ କାନ୍ତି ବାବୁଙ୍କର ପୃଷ୍ଠପୋଷକତା କରିବାକୁ ଲାଗିଲେ। ବାଲେଶ୍ୱରବାସୀ କେତେଜଣ ଯୁବକ ମାତୃଭାଷା ରକ୍ଷା ନିମନ୍ତେ ଭୟଙ୍କର ଆନ୍ଦୋଳନ କରିବାକୁ ଲାଗିଲେ। କଟକରେ 'ଉତ୍କଳ ଦୀପିକା' ସେହି ସମୟରେ ଆପଣା କର୍ତ୍ତବ୍ୟ କର୍ମ ସାଧନାରେ ତ୍ରୁଟି କରି ନ ଥିଲେ । ଆନ୍ଦୋଳନ କ୍ରମଶଃ ବୃଦ୍ଧି ପ୍ରାପ୍ତ ହୋଇ ରାଜପୁରୁଷମାନଙ୍କ କର୍ଣ୍ଣଗୋଚର ହେଲା ।

## ଓଡ଼ିଆ ଭାଷା

**-ଗୋପବନ୍ଧୁ ଦାସ**



ଓଡ଼ିଆମାନଙ୍କ ଶିକ୍ଷା ପଥରେ କେତେକ ଅଞ୍ଚଳରେ ବହୁ ଅନ୍ତରାୟ ରହିଅଛି। ଜାତୀୟ ଶିକ୍ଷା ଯେ ଜାତୀୟ ଭାଷାରେ ଦିଆଯିବା ଉଚିତ, ଏହା ସର୍ବବାଦୀସମ୍ମତ । ମାତ୍ର କେତେକ ଓଡ଼ିଆ ଅଞ୍ଚଳରେ ଓଡ଼ିଆ ଭାଷା ବ୍ୟବହାର ପକ୍ଷେ ସେତେ ଯେ ସୁବିଧା ନାହିଁ ତାହା ନୁହେଁ, ଅନେକ ବାଧା ମଧ୍ୟ ଅଛି । କେତେକବର୍ଷ ପୂର୍ବେ ଓଡ଼ିଆ ଭାଷା ଓ ସାହିତ୍ୟର ବିଳାସଭୂମି ଗଞ୍ଜାମର ସ୍କୁଲ, କଲେଜ ଏବଂ ବିଚାର ଅଦାଲତରୁ ଓଡ଼ିଆ ଏକପ୍ରକାର ବିତାଡ଼ିତ ହୋଇଥିଲା। ଓଡ଼ିଆମାନେ ନିଜ ମାତୃଭାଷା ପଢ଼ିବାର ସୁଯୋଗ ପାଉ ନ ଥିଲେ। ଆଜି ସେ ଅବସ୍ଥା ବଦଳିଛି। ଗଞ୍ଜାମରେ ଓଡ଼ିଆର ସ୍ୱତ୍ୱ ଓ ଅଧିକାର ସରକାର ସ୍ୱୀକାର କରି ଅଛନ୍ତି । ଓଡ଼ିଆ ସ୍କୁଲର ସଂଖ୍ୟା ଦିନକୁ ଦିନ ବଢ଼ୁଅଛି । ମାତ୍ର ବିଚାର ଅଦାଲତରେ ଓଡ଼ିଆ ଏ ପର୍ଯ୍ୟନ୍ତ ଉପଯୁକ୍ତ ସ୍ଥାନ ପାଇ ନାହିଁ। କେବଳ ଘୁମୁସର ତାଲୁକାରେ ଓଡ଼ିଆ ଏକମାତ୍ର କଚେରୀଭାଷା ରୂପେ ଜାରି ହୋଇଅଛି । ଅନ୍ୟାନ୍ୟ ପୂରା ଓଡ଼ିଆ ଭାଷା ତାଲୁକାରେ ଏ ପର୍ଯ୍ୟନ୍ତ ପୂର୍ଣ୍ଣ ଅଧିକାର ମିଳି ନାହିଁ। ଗଞ୍ଜାମର ନ୍ୟାୟପରାୟଣ କଲେକ୍ଟର କଟରେଲ ସାହେବ ଛତ୍ରପୁର ତାଲୁକାରେ ପୂରା ଓଡ଼ିଆ ଜାରି କରିବା ଲାଗି ଗଭର୍ଣ୍ଣମେଣ୍ଟକୁ ଲେଖିଥିଲେ ସୁଦ୍ଧା ଗଭର୍ଣ୍ଣମେଣ୍ଟ ଓଡ଼ିଆର ନ୍ୟାୟସଙ୍ଗତ ଦାବି ବିବେଚନା କରି ନାହାନ୍ତି। ଏହା ଓଡ଼ିଆମାନଙ୍କ ପକ୍ଷେ ନିତାନ୍ତ ଅବିଚାର। ଅନେକସ୍ଥଳେ ଓଡ଼ିଆ ଶିକ୍ଷା ଯେପରି ହେବା ଉଚିତ ଓଡ଼ିଆମାନଙ୍କର ଅଦ୍ୟାପି ସେତେ କର୍ତ୍ତୃତ୍ୱ ନ ଥିବାରୁ ସେପରି ହୋଇପାରୁ ନାହିଁ। ଗଞ୍ଜାମରେ ଓଡ଼ିଆ ଜାତୀୟପ୍ରାଣ ଜାଗି ଅଛି। ସେ ଏଣିକି କୌଣସି ବାଧା ମାନିବ ନାହିଁ। ମୋର ବିଶ୍ୱାସ ଓଡ଼ିଆ ଭାଷା ସେଠା ବିଦ୍ୟାଳୟ ଓ ବିଚାର ଅଦାଲତରେ ସମ୍ପୂର୍ଣ୍ଣ ଅଧିକାର ପାଇବାକୁ ଆଉ ଅଧିକ ଦିନ ଲାଗିବ ନାହିଁ।

ମାନ୍ଦ୍ରାଜ ପ୍ରଦେଶରେ ଭିଶାଖାପଟ୍ଟନମ୍ ଏଜେନ୍ସି ପୂରା ଓଡ଼ିଆ ଅଞ୍ଚଳ। ସେଠାରେ ଓଡ଼ିଆ ଭାଷାର ଅବସ୍ଥା ଶୋଚନୀୟ। ଓଡ଼ିଆମାନଙ୍କ ପକ୍ଷେ ଓଡ଼ିଆ ଭାଷା ବ୍ୟବହାର ସରକାର ନାମକୁ ମାତ୍ର ସ୍ୱୀକାର କରୁଛନ୍ତି ସତ୍ୟ, ମାତ୍ର କାର୍ଯ୍ୟରେ ଯଥାର୍ଥ ଓଡ଼ିଆ ଶିକ୍ଷା ଏ ପର୍ଯ୍ୟନ୍ତ ଆରମ୍ଭ ହୋଇ ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ।

---

ପଢ଼ିଲି ନାନା ଦେଶ ଭାଷା/ କାହିଁ ତ ନ ପୂରିଲା ଆଶା
ହେଉ ପଛକେ ସେ ନିକୃଷ୍ଟ/ ମୋ ମାତୃଭାଷା ମୋତେ ଶ୍ରେଷ୍ଠ
ଦେଖିଲି ବୁଲି ବହୁ ଦୂର / କାଞ୍ଚି କାମାକ୍ଷା କାନପୁର
ପାଇଲି ନାହିଁ ଘୂରି ଘୂରି/ ମୋ ମାତୃଭୂମିର ମାଧୁରୀ ।

ନ କରିଲେ ମାତୃଭାଷାର ଉନ୍ନତି
ଘୁଞ୍ଚିବ କି କେବେ ଦେଶର ଦୁର୍ଗତି! ■

**-ବ୍ୟାସକବି ଫକୀରମୋହନ ସେନାପତି**



ଉଚ୍ଚ ହେବା ପାଇଁ କର ଯେବେ ଆଶା,
ଉଚ୍ଚ କର ଆଗେ ନିଜ ମାତୃଭାଷା ।

ମାତୃଭୂମି ମାତୃ- ଭାଷାରେ ମମତା
ଯା' ହୃଦେ ଜନମି ନାହିଁ,
ତାକୁ ଯେବେ ଜ୍ଞାନୀ- ଗଣରେ ଗଣିବା
ଅଜ୍ଞାନ ରହିବେ କାହିଁ ? ■

**-ସ୍ୱଭାବ କବି ଗଙ୍ଗାଧର ମେହେର**



ମୋ ଭରସା ସିନା ଓଡ଼ିଆ ଭାଷା
ଓଡ଼ିଆ ବଦନେ ଓଡ଼ିଆ ସଦନେ
ରଚନେ ପଠନେ ଯେ ବାଣୀ ସ୍ୱନେ
ସେ ତ ମୋ ସାଧନ ପୂର୍ଣ୍ଣ ସାଧନ । ■

**-ନାରୀକବି କୁନ୍ତଳା କୁମାରୀ ସାବତ**


ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ
ଭାଷା ହିଁ ଭବିଷ୍ୟତ
୨୦୨୪














ELOPMENT OF ORISSAN SCRIPT
ଓଡ଼ିଆ ଲିପିର କ୍ରମ ବିକାଶ







